ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ସୋମବାର ୦୧ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 01 December 2025

Vol.No. 36 ■ No.316 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ବଢ଼ିଲା ଗାନ୍ଧୀ ପରିବାର ଅଡୁଆ

## ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କ ବିରୋଧରେ ଅର୍ଥନୈତିକ ଅପରାଧ ଶାଖାର ମାମଲା ରୁଜୁ



ନୂଆଦିଲ୍ଲୀ,୩୦/୧୧ : ପୁଣି ବଢିଲା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ଅଡୁଆ । ନ୍ୟାସନାଲ ହେରାଲ୍ଡ ମାମଲାରେ ନୂଆ ଏଫଆଇଆର ରୁଜୁ କଲା ଦିଲ୍ଲୀ ପୁଲିସର ଅର୍ଥନୈତିକ ଅପରାଧ ଶାଖା ରାହୁଲ, ସୋନିଆଙ୍କ ସହ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି ଦିଲ୍ଲୀ ପୁଲିସର ଇଓଡବ୍ଲ୍ୟୁ। ନ୍ୟାସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ଅପରାଧିକ ଷଡ଼ଯନ୍ତ୍ରର ଅଭିଯୋଗ ଲଗାଯାଇଛି । ୯୮୮ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଇଡିର ବୟାନ । ଇଡି କହିଛି, ଆସୋସିଏଟ୍ ଜର୍ଣ୍ଣାଲ ଏଲଟିଡି(ଏଜେଲ) କମ୍ପାନୀକୁ ସଠିକ୍ ବଜାର ମୂଲ୍ୟ ନଦେଇ କମ୍ପାନୀକୁ ୟଙ୍ଗ୍ ଇଣ୍ଡିଆ କିଣିନେଇଥିଲା । ଆଉ ୟଙ୍ଗ୍ ଇଣ୍ଡିଆ କମ୍ପାନୀରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ୭୬ ପ୍ରତିଶତ ସେୟାର ଥିଲା । ଏଜେଲ କମ୍ପାନୀର ବଜାର ମୂଲ୍ୟ ସେତେବେଳେ ୨ ହଜାର କୋଟି ଟଙ୍କା ଥିଲା । କିନ୍ତୁ ମାତ୍ର ଏକ କୋଟି ଟଙ୍କା ଦେଇ ଏଜେଲ କମ୍ପାନୀକୁ ବିକା ଯାଇଥିଲା । ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ବିରୋଧରେ ନୂଆ ଏଫଆଇଆର ରଜୁ । ଦିଲ୍ଲୀ ପୁଲିସର ଅର୍ଥନୈତିକ ଅପରାଧ ଶାଖା ନୂଆ ମାମଲା ରୁଜୁ କରିଛି । ଅଭିଯୋଗ ଆଧାରରେ ରାହୁଲ, ସୋନିଆଙ୍କ ସହ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଏଫ୍ଆଇଆ ?ରେ ସାମ୍ ପିଟ୍ରୋଡା ଏବଂ ଅନ୍ୟ ତିନି ଜଣ ବ୍ୟକ୍ତିଙ୍କ ସହିତ ତିନିଟି କମ୍ପାନୀର ନାମ ମଧ୍ୟ ରହିଛି । କଂଗ୍ରେସର ଦାବି ଅନୁଯାୟୀ, ଏଜିଏଲ ଋଣ ଫେରାଇ ପାରିନଥିବାରୁ ସେହି ଋଣକୁ ସେୟାରରେ ପରିଣତ କରାଯାଇଥିଲା ରାଜନୈତିକ ଦଳ ସେୟାର ରଖିପାରିବ ନାହିଁ ବୋଲି ୨୦୧୦ରେ ୟଙ୍ଗ୍ ଇଣ୍ଡିଆକୁ ସେୟାର ଦିଆଯାଇଥିଲା

# ଶୁଭଙ୍କରଙ୍କ ନାମରେ ସିଂହଦ୍ୱାର ଥାନାରେ ଏତାଲା: ଗିରଫ କରିବାକୁ ଦାବି କଲେ ଶ୍ରୀମନ୍ଦିର ସେବାୟତ ଗୌରହରି



ପୁରୀ, ୩୦/୧୧ (ନି.ପ୍ର): ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନସର୍ ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି । ଶ୍ରୀମନ୍ଦିରରେ ପ୍ରେମୀଯୁଗଳଙ୍କ ପ୍ରବେଶ ଉପରେ ସେ ଦେଇଥିବା ବିବାଦୀୟ ଟିପ୍ପଣୀକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି । ଗତକାଲି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ଦେଇଥିବା ବେଳେ ଆଜି ଶ୍ରୀମନ୍ଦିର ସେବାୟତ ଗୌରହରି ପ୍ରଧାନ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି । ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଛି । ଏଥିପାଇଁ ତୁରନ୍ତ ଆଇନରେ ଆବଶ୍ୟକୀୟ ସଂଶୋଧନ କରିବା ସହ ଶୁଭଙ୍କରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଗୌରହରି । ଶୁଭଙ୍କର ସୋସିଆଲ୍ ମିଡିଆ ଇନଫ୍ଲୁଏନସର୍ ହୋଇଥିବାରୁ ତାଙ୍କ କଥା ଲୋକମାନେ ସହଜରେ ବିଶ୍ୱାସ କରିଯାଉଛନ୍ତି । ଫଳରେ ଶ୍ରୀମନ୍ଦିରକୁ ନେଇ ଭକ୍ତଙ୍କର ରହିଥିବା ଅଗାଢ଼ ବିଶ୍ୱାସ ତୁଟିବା ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ଗୌରହରି ଏତଲା ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶୁଭଙ୍କର ତାଙ୍କ ପୋଡକାଷ୍ଟରେ ଶ୍ରୀମନ୍ଦିରରେ ପ୍ରେମୀଯୁଗଳଙ୍କ ପ୍ରବେଶକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ତାହା ହେଉଛି, ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ, ତେବେ ସେମାନଙ୍କ ପ୍ରେମ କେବେବି ସଫଳ ହେବନାହିଁ । ସେମାନେ କେବେ ବି ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ ନାହିଁ । କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି । ମା' ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ▶▶ପୃଷ୍ଠା ୭

# ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା: ୧୦ ମୃତ, ୨୦ରୁ ଅଧିକ ଆହତ



ନୂଆଦିଲ୍ଲୀ,୩୦/୧୧ : ତାମିଲନାଡୁର ଶିବଗଙ୍ଗା ଜିଲ୍ଲାର କୁମ୍ଭନଗୁଡ଼ି ନିକଟରେ ଦୁଇଟି ସରକାରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି । ଗୋଟିଏ ବସ୍ ତିରୁପୁରରୁ କାରାଇକୁଡି ଅଭିମୁଖେ ଯାଉଥିବା ବେଳେ ଅନ୍ୟ ବସ୍‌ଟି କାରାଇକୁଡ଼ିରୁ ଡିଣ୍ଡିଗୁଲ ଅଭିମୁଖେ ଯାଉଥିଲା । ବସ୍ ଦୁଇଟି ମଧ୍ୟରେ ଏତେ ଜୋରରେ ଧକ୍କା ହୋଇଥିଲା ଯେ ଗୋଟିଏ ବସ୍‌ର ଡ୍ରାଇଭର ବସୁଥିବା ପାର୍ଶ୍ୱ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରିଥିଲେ । ପୁଲିସ୍ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ନେଇଥିଲେ । ଆହତମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ଗୁରୁତର ରହିଛି । କାହାର ଭୁଲ ଯୋଗୁ ଏତେ ବଡ଼ ଦୁର୍ଘଟଣା ଘଟିଲା, ତାହା ଜାଣିବା ପାଇଁ ପୁଲିସ ଘଟଣାର ତଦନ୍ତ କରୁଛି । ଅନ୍ୟପକ୍ଷରେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ । ମୃତକଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଇ ସପ୍ତାହକ ମଧ୍ୟରେ ତାମିଲନାଡୁରେ ଏହା ହେଉଛି ଦ୍ୱିତୀୟ ବଡ଼ ବସ୍ ଦୁର୍ଘଟଣା । କିଛି ଦିନ ତଳେ ତେନକାସି ଜିଲ୍ଲାରେ ଦୁଇଟି ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା ।

# ବିଜେପି ସଭାପତିଙ୍କ ଜିଲ୍ଲାରେ ବିଜେଡି ସଫା: ଦିନକରେ ଦଳ ଛାଡ଼ିଲେ ୩ ବ୍ଲକ୍ ଅଧ୍ୟକ୍ଷ




ଭଦ୍ରକ, ୩୦ /୧୧ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିକୁ ଝଟକା ପରେ ଝଟକା ଲାଗିଛି । ବିଜେପି ସଭାପତି ମନମୋହନଙ୍କ ହୋମଗ୍ରାଉଣ୍ଡରେ ବଳ ହରାଇଛି ବିଜେଡି । ଏକାଥରକେ ୩ ବ୍ଲକ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି । ବାପା ପ୍ରଫୁଲ୍ଲ ସାମଲ ବିଜେଡି ସଙ୍ଗଠନ ସଜାଡୁଥିବା ବେଳେ ପୁଅ ପ୍ରୟାସକାନ୍ତି ସମାଲଙ୍କ ଗୋଟିଚାଳନାରେ ବିଜେଡିର ତୃଣମୂଳ ସଙ୍ଗଠନ ଏବେ ବିଜେପି ମୁହାଁ ହେଉଥିବା ଚର୍ଚ୍ଚା । କ୍ଷମତାରୁ ଯିବା ପରେ ଭୁଶୁଡୁଛି ବିଜେଡି ଗଡ । ତୃଣମୂଳସ୍ତରରେ ଦଳ ଉପରୁ ଭରସା ହରାଉଛନ୍ତି ନେତା । ଯାହାର ବଡ ଝଲକ ଦେଖିବାକୁ ମିଳିଛି ଭଦ୍ରକରେ । ଗୋଟିଏ ଦିନରେ ବିଜେଡିକୁ ଲାଗିଛି ୪୪୦ ଭୋଲ୍ଟର ଝଟ୍‌କା । ଦିନକରେ ବିଜେଡି ସମର୍ଥିତ ୩ ବ୍ଲକ ଅଧ୍ୟକ୍ଷ ଇସ୍ତଫା ଦେଇଛନ୍ତି । ପ୍ରଥମେ ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ ବିଜେଡିରୁ ଇସ୍ତଫା ଦେଇଥିଲେ । ଦଳ ବିରୋଧୀର ଟ୍ୟାଗ୍ ଲଗାଇ ବିଜେଡି ମନୋରଞ୍ଜନଙ୍କୁ ନିଲମ୍ବିତ କରିଥିଲା । ହେଲେ ଏହାପରେ ବଡ ସଙ୍କଟର ସାମ୍ନା କରିଥିଲା ବିଜେଡି । ସନ୍ଧ୍ୟା ସୁଦ୍ଧା ଭଦ୍ରକ ଓ ଭଣ୍ଡାରୀପୋଖରୀ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ସୁମତି ସେଠୀ ବିଜେଡିକୁ ବାଏ ବାଏ କରିଥିଲେ । କ୍ରାଇସିସ୍ ମ୍ୟାନେଜ୍ କରିବାକୁ ସୁଯୋଗ ପାଇନି ବିଜେଡି । ବିଜେଡି ଛାଡିଥିବା ୩ ବ୍ଲକ ଅଧ୍ୟକ୍ଷ ଖୁବଶୀଘ୍ର ପଦ୍ମ ଧରିପାରନ୍ତି । ବିଜେପି ସଭାପତିଙ୍କ ନିଜ ଜିଲ୍ଲା ହୋଇଥିବାରୁ ବିଶାଳ ମିଶ୍ରଣ ପର୍ବ କରି ଶକ୍ତିପ୍ରଦର୍ଶନ କରିପାରନ୍ତି ମନମୋହନ । ଏନେଇ ପ୍ରତିକ୍ରିୟାରେ ମନମୋହନ କହିଛନ୍ତି, ନଦୀ ଆସି ସମୁଦ୍ରରେ ମିଶେ । ଯିଏ ଦଳ ପାଇଁ ସମ୍ପତ୍ତି ହେବ ତାଙ୍କୁ ସାମିଲ କରିବୁ । ୨୦୨୪ ନିର୍ବାଚନରେ ଭଦ୍ରକରେ ବିଜେଡି ଗଡ ଭାଙ୍ଗିଥିଲା । ଏବେ ତୃଣମୂଳସ୍ତରରେ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି । ମନମୋହନଙ୍କ ଗୋଟିଚାଳନାରେ ଭଦ୍ରକରେ ବିଜେଡିର ଭେଟରାନ ପ୍ରଫୁଲ୍ଲ ସାମଲ ଓ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ରଣନୀତି ଫେଲ୍ ମାରିଛି ।

# ବଦଳିବ ୟୁନିଟ ୪ ଆମିଷ ରିଟେଲ ବଜାରର ରୂପରେଖ

ଭୁବନେଶ୍ୱରଭୁବନେଶ୍ୱର, ୩୦/୧୧ (ନି.ପ୍ର): ବଦଳିବ ୟୁନିଟ ୪ ଆମିଷ ରିଟେଲ ବଜାରର ରୂପରେଖ । ବିଏମସି ମେୟର, କମିସନର , ଅଧିକାରି ଏନେଇ ସମୀକ୍ଷା କରିଛନ୍ତି । ଆସିବ ହାଟର ନୂଆ ଡିଜାଇନ । ଯାହାକୁ ନେଇ ପ୍ରସ୍ତୁତ ହୋଇଛି ପ୍ଲାନ୍ । ନୂତନ ଦୋକାନ , ପାର୍କିଂ , ସ୍ଲଟର ହାଉସ, ନୂତନ ରାସ୍ତା ହେବ ନିର୍ମାଣ । ହାଟ ଭିତରେ ଭଙ୍ଗାଯିବ ବେଆଇନ୍ ଘର । ଦୀର୍ଘବର୍ଷ ହେବ ୟୁନିଟ ୪ ମାର୍କେଟରେ ପାର୍କିଂ ସମସ୍ୟା ରହିଛି । ରାସ୍ତା କଡ଼ରେ ପାର୍କିଂ ହେଉଥିବାରୁ ସମସ୍ୟା ହଉଛି । ପ୍ଲାନ୍ ପ୍ରସ୍ତୁତ ପରେ ବହୁ ଜଲଦି ଆରମ୍ଭ ହେବ ଉଚ୍ଛେଦ ପ୍ରକ୍ରିୟା ।

# ବ୍ୟବସାୟ ସହିତ ରକ୍ତ ଏକାଠି ବହି ପାରିବ ନାହିଁ: ଆଫଗାନ ତାଲିବାନକୁ ଧମକ ଦେଲା ପାକିସ୍ତାନୀ ସେନା

ନୂଆଦିଲ୍ଲୀ,୩୦/୧୧ : ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଏହି ସମୟରେ, ପାକିସ୍ତାନୀ ସେନା ଆଫଗାନିସ୍ତାନକୁ ଖୋଲା ଧମକ ଦେଇଛି । କାବୁଲର ତାଲିବାନ ସରକାର ଉପରେ ପାକିସ୍ତାନରେ ଉଗ୍ରବାଦୀ ଆକ୍ରମଣକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଛି । ପାକିସ୍ତାନୀ ସେନା ମୁଖପାତ୍ର ଲେଫ୍ଟନାଣ୍ଟ ଜେନେରାଲ ଅହମଦ ସରିଫ ଚୌଧୁରୀ କହିଛନ୍ତି, ବାଣିଜ୍ୟ ଏବଂ ସୀମାପାର ଉଗ୍ରବାଦ ଏକାଠି ଚାଲିପାରିବ ନାହିଁ । ପାକିସ୍ତାନ ଅକ୍ଟୋବର ୧୨ ତାରିଖରେ ଆଫଗାନିସ୍ତାନ ସହିତ ସମସ୍ତ ସୀମା କ୍ରସିଂ ବନ୍ଦ କରିଦେଇଥିଲା । ଦୁଇ ଦେଶ ମଧ୍ୟରେ ଭୟଙ୍କର ସଂଘର୍ଷ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା । ଯେଉଁଥିରେ ଉଭୟ ପାର୍ଶ୍ୱର ବହୁ ସୈନିକଙ୍କ ମୃତ୍ୟୁ ହୋଇଥିବା ଦାବି କରାଯାଇଥିଲା । ଶନିବାର ଦିନ ପାକିସ୍ତାନୀ ସେନା ଦ୍ୱାରା ଜାରି ଏକ ବ୍ରିଫିଂରେ, ଏହାର ଗଣମାଧ୍ୟମ ଶାଖା, ଓଝଚଜର ମୁଖ୍ୟ ଚୌଧରୀ ସାମ୍ବାଦିକମାନଙ୍କୁ କହିଛି, ଯଦି ଆମେ ବାଣିଜ୍ୟ ଉପରେ ପ୍ରତିବନ୍ଧକ ଲଗାଇଛୁ, ତେବେ ଏହା ଏଥିପାଇଁ ନୁହେଁ ଯେ, ଆମର ବାଣିଜ୍ୟ ସହିତ ଏକ ସମସ୍ୟା ଅଛି । ଆମର ଚିନ୍ତା ହେଉଛି ଆମର ସୁରକ୍ଷା । ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆମର ଜୀବନ ଅଧିକ ଗୁରୁତ୍ୱପୂର୍ଣ୍ଣ । ରକ୍ତ ଏବଂ ବ୍ୟବସାୟ ଏକାଠି ଚାଲିପାରିବ ନାହିଁ । କାବୁଲ ଆଫଗାନିସ୍ତାନ ଅଞ୍ଚଳରେ ଇସଲାମାବାଦ ଉପରେ ଏକ ବିମାନ ଆକ୍ରମଣ କରିଥିବା ଏବଂ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିବା ପରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ପୁଣି ଥରେ ଉତ୍କଟ ସ୍ତରରେ ପହଞ୍ଚିଥିଲା ।

▶▶ପୃଷ୍ଠା ୭

# ମୁଖ୍ୟସ୍ରୋତ ଅଭିମୁଖେ ମାଓବାଦୀ: ୨୬ଜଣ ଯବାନଙ୍କ ସହିଦର କାରଣ ଥିବା ଭୀମା ଛାଡ଼ିଲା ଅସ୍ତ୍ର



ଭୁବନେଶ୍ୱର, ୩୦/୧୧ (ନି.ପ୍ର): ଛତିଶଗଡ଼ର ଦନ୍ତେୱାଡାଜିଲ୍ଲା ପୁଲିସରେ ୩୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏଥିରେ ୧୨ ଜଣ ମହିଳା କ୍ୟାଡରର ସଦସ୍ୟ ଅଛନ୍ତି । ଯେଉଁ ବନ୍ଧୁକରେ ବହୁ ସଂଖ୍ୟାରେ ନିରୀହ ଲୋକଙ୍କର ଜୀବନ ନେଇଥିଲେ, ସେଗୁଡ଼ିକୁ ପୁଲିସ ନିକଟରେ ହସ୍ତାନ୍ତର କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୨୭ ଜଣଙ୍କ ନାମରେ ୬୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଏମାନେ ଡିଆରଜି କାର୍ଯ୍ୟାଳୟ ଦନ୍ତେୱାଡାରେ ▶▶ପୃଷ୍ଠା ୭

# ଆଜିଠୁ ସଂସଦର ଶୀତକାଳୀନ ଅଧିବେଶନ: ଆଗତ ହେବ ୧୪ଟି ଗୁରୁତ୍ୱପୂର୍ଣ୍ଣ ବିଲ୍



ନୂଆଦିଲ୍ଲୀ,୩୦/୧୧ : ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ ତାରିଖ ସୋମବାରଠାରୁ ଆରମ୍ଭ ହେଉଛି । ଏହା ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ପୂର୍ବରୁ, ମୋଦୀ ସରକାର ଲୋକସଭା ଏବଂ ରାଜ୍ୟସଭାରେ ଆଗତ ହେବାକୁ ଥିବା ୧୪ ଟି ବିଲର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଏହି ବିଲ୍ ସମେତ ଅନେକ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ବିରୋଧୀ ଦଳ ମଧ୍ୟରେ ହଙ୍ଗାମା ହେବାର ସମ୍ଭାବନା ରହିଛି । ଏଥିମଧ୍ୟରୁ ଚଣ୍ଡିଗଡ଼କୁ ନେଇ ଆସିବାକୁ ଥିବା ବିଲକୁ ନେଇ ଏବେଠାରୁ ସ୍ଥିତି ବିବାଦୀୟ ରହିଛି । ଏହି ବିଲକୁ ଆପ, କଂଗ୍ରେସ ଓ ଅକାଳୀ ଦଳ ବିରୋଧ କରୁଛନ୍ତି । ସୋମବାର ଅର୍ଥାତ୍ ଶୀତ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ରହିବ । ଶୀତକାଳୀନ ଅଧିବେଶନର ଦିନକ ପୂର୍ବରୁ ରବିବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜେପି ନଡ୍ଡା, କିରେନ ରିଜିଜୁ, ▶▶ପୃଷ୍ଠା ୭

# ବାରବାଟୀ ଟି-୨୦ : ଆଜିଠୁ ଅନଲାଇନ୍ ଟିକେଟ୍ ବିକ୍ରୀ ଆରମ୍ଭ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ ଆସନ୍ତାକାଲି (ସୋମବାର)ଠାରୁ ଅନଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ । ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏହି ସୂଚନା ଦେଇଛନ୍ତି । ଅନଲାଇନରେ କେବଳ ୨ ହଜାର ଟିକେଟ୍ ବିକ୍ରି କରାଯିବ । ଏଥର ୪୨ ହଜାର ଦର୍ଶକ ମ୍ୟାଚ୍ ଦେଖି ପାରିବେ । ମୋଟ ୨୩ ହଜାର ଟିକେଟ୍ ବିକ୍ରି ହେବ ଏବଂ ୧୮ ହଜାର ୪ଶହ କମ୍ପ୍ଲିମେଂଟାରୀ ପାସ୍ ରହିବ । ଡିସେମ୍ବର ୫ ତାରିଖରେ କାଉଂଟରରେ ଟିକେଟ ବିକ୍ରି ହେବ । ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ୍ କିଣି ପାରିବେ । ଗତ ମ୍ୟାଚ୍ ର ଟିକେଟ୍ ବିଭ୍ରାଟକୁ ଦେଖି ଏଥର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଟିକେଟ୍ ଦର ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ▶▶ପୃଷ୍ଠା ୭

# ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ସ୍ୱର୍ଣ୍ଣ ପଦକ ପାଇଲେ ମୋନାଲିସା

ପୁରୀ,୩୦/୧୧ (ନି.ପ୍ର): ସେବା, ସାହାଯ୍ୟ କରିବା ମନବୃତି ରଖି କାର୍ଯ୍ୟ କଲେ ପୁରସ୍କାର ଆପେ ଆପେ ଆସିଥାଏ । ଏଭଳି ଘଟଣା ଘଟିଛି ମୋନାଲିସା ଜେନାଙ୍କ କ୍ଷେତ୍ରରେ । କଲେଜରେ ପଢିବା ଦିନ ଠାରୁ ସ୍ୱ ଇଛାରେ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମୋନାଲିସା ଜେନା ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ ତମ ପ୍ରତିଷ୍ଠା ଦିବସରେ ସରସ୍ୱତୀ ରାୟ ସ୍ୱର୍ଣ୍ଣ ପଦକ -୨୦୨୫ ହାସଲ କରିଛନ୍ତି । ଉତ୍କଳ ବିଶ୍ୱବଦ୍ୟାଳୟର ଜାତୀୟ ସେବା ଯୋଜନାର ସର୍ବ ଶ୍ରେଷ୍ଠ ମହିଳା ସ୍ୱେଚ୍ଛାସେବୀ ଭାବେ ପ୍ରଥମ ଥର ଏହି ପଦକ ହାସଲ କରି ଅନୁଷ୍ଠାନ ଓ ଜିଲ୍ଲା ପାଇଁ ଗର୍ବ ଆଣି ଦେଇଛନ୍ତି । ପୁରସ୍କାର ମଂଚରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭି ସି ଓ ରେଜିଷ୍ଟାର, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ଭି ସି, ଲେକଚରରଗଣ, ବିଭିନ୍ନ କଲେଜରୁ ଆସିଥିବା ଛାତ୍ରଛାତ୍ରୀ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଦି ବେଲ୍ ରେ ମୋନାଲିସା କାର୍ଯ୍ୟ କରି ବେଶ ସଫଳତା ପାଇଛନ୍ତି। ଏକଲବ୍ୟ ପାଠଶାଳାରେ ବସ୍ତି ର ଗରିବ ନିଃସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ପରିବେଶ ପରିଷ୍କାର ପାଇଁ ସମୁଦ୍ର କୂଳ ପାଣି ସଫା ରଖିବା ପାଇଁ ସଚେତନ କରୁଛନ୍ତି। ବିଶ୍ୱସ୍ତରୀୟ ମହୋଦଧି ଦିବସରେ ସଫଳତାର ସହ କାର୍ଯ୍ୟ କରି ପର୍ଯ୍ୟଟମାନଙ୍କୁ ଆକୃଷ୍ଟ କରିପାରିଛନ୍ତି । ମହିଳାମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେଥିପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହି ସଫଳତା ପାଇଁ ଦି ବ୍ୱେଲ ର ଅଧକ୍ଷ ସିଦ୍ଧାର୍ଥ ରାୟ ଓ ସମସ୍ତ ସଭ୍ୟ ସଭ୍ୟା ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସାହିତ୍ୟ ଜୀବନ ଏବଂ ମୂଲ୍ୟବୋଧକୁ ଆକାର ଦିଏ, ସହାନୁଭୂତି ପୋଷଣ କରେ ଏବଂ ନୈତିକ ଭାବନାକୁ ବିସ୍ତାର କରେ: ରାଜ୍ୟପାଳ

ଭୁବନେଶ୍ୱର ,୩୦/୧୧ (ନି.ପ୍ର): ସାହିତ୍ୟ ଏକ ପରିବର୍ତ୍ତନକାରୀ ଶକ୍ତି। ଏହା କେବଳ ଏକ କଳାତ୍ମକ ରୂପ ନୁହେଁ ବରଂ ଏକ ଶକ୍ତି ଯାହା ଜୀବନ ଓ ମୂଳବୋଧକୁ ଆକାର ଦିଏ, ସହାନୁଭୂତିକୁ ପୋଷଣ କରେ ଏବଂ ନୈତିକ ଭାବନାକୁ ବିସ୍ତାର କରେ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତ। ଚଳିତ ନଭେମ୍ବର ୨୯ ତାରିଖ ଶନିବାର ଦିନ ଭୁବନେଶ୍ୱର ଠାରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଠାରେ ସୋଆସାହିତ୍ୟ ମହୋତ୍ସବର ତୃତୀୟ ସଂସ୍କରଣକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ବିକଶିତ ହେବା ପୂର୍ବରୁ ସମାଜ କାହାଣୀ, କବିତା ଏବଂ ମହାକାବ୍ୟ ମାଧ୍ୟମରେ ସତ୍ୟ, ନ୍ୟାୟ, ସାହସ ଏବଂ କରୁଣା ଭଳି ମୂଲ୍ୟବୋଧ ଶିଖୁଥିଲା। ସାହିତ୍ୟ ଆମକୁ ଆମ ନିଜସ୍ୱ ଦୃଷ୍ଟିକୋଣ ବ୍ୟତୀତ ଅନ୍ୟର ଦୃଷ୍ଟିକୋଣ ମାଧ୍ୟମରେ ବିଶ୍ୱକୁ ଦେଖିବା ପାଇଁ ଦିଗଦର୍ଶନ ଦିଏ।

ଲିଖିତ ଶବ୍ଦର ଭାବପ୍ରବଣତା ଏବଂ ନୈତିକ ପ୍ରଭାବ ଉପରେ ଆଲୋକପାତ କରି ଡ. କମ୍ଭମପାଟି କହିଥିଲେ ଯେ ସାହିତ୍ୟ ସଙ୍କଟର ମୁହୂର୍ତ୍ତରେ ଶକ୍ତିର ଉତ୍ସ ଏବଂ ପରିବର୍ତ୍ତନ ସମୟରେ ସମାଜ ପାଇଁ ଏକ ଦର୍ପଣ ହୋଇଯାଏ। ଏହା ସର୍ବଦା ଅନ୍ୟାୟକୁ ପ୍ରଶ୍ନ କରିଛି, ଅସମାନତାକୁ ଦୃଷ୍ଟିକୁ ଆଣିଛି ଏବଂ ପୁରୁଣା ହୋଇଯାଇଥିବା ମାନଦଣ୍ଡକୁ ଚ୍ୟାଲେଞ୍ଜ କରିଛି। ଆମେ ପଢୁଥିବା କାହାଣୀଗୁଡ଼ିକ ଆମେ ବଂଚୁଥିବା ମୂଲ୍ୟବୋଧ ଗଠନ କରେ । ପରିବର୍ତ୍ତିତ ପ୍ରଯୁକ୍ତିବିଦ୍ୟା ଦୃଶ୍ୟପଟକୁ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ ମହୋତ୍ସବର ବିଷୟବସ୍ତୁ - 'ସଂସ୍କୃତି, ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ' ସମୟୋଚିତ ଏବଂ ପ୍ରାସଙ୍ଗିକ। ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ଯୋଗାଯୋଗ ଏବଂ ସୃଜନଶୀଳତାକୁ ପରିବର୍ତ୍ତନ କରୁଛି, ଯାହା ସମାଜକୁ ସାଂସ୍କୃତିକ ପରିଚୟ ଏବଂ ମାନବିକ ମୂଲ୍ୟବୋଧର ମୂଳରେ ରଖିବାରେ ଗୁରୁତ୍ୱ ରଖିଥାଏ। କୃତ୍ରିମ ବୁଦ୍ଧିମତ୍ତା ଗତି ଏବଂ ସଠିକତା ପ୍ରଦାନ କରିପାରେ କିନ୍ତୁ ସଂସ୍କୃତି ହିଁ ଦିଗଦର୍ଶନ ଦିଏ ଏବଂ ସୃଜନଶୀଳତାର ଉଦ୍ଦେଶ୍ୟ ପ୍ରଦାନ କରେ ବୋଲି ରାଜ୍ୟପାଳ କହିଛନ୍ତି। ସମଗ୍ର ଦେଶର ଲେଖକ, କବି, ବିଦ୍ୱାନ ଏବଂ କଳାକାର ଯୋଗଦାନ କରିଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଆନନ୍ଦ ପ୍ରକାଶ କରି ସୋଆ ସାହିତ୍ୟ ସମ୍ମାନ ୨୦୨୫ ପାଇଥିବା ପ୍ରବୀଣ କବି, ଗୀତିକାର ଏବଂ ସ୍କ୍ରିପ୍ଟ ଲେଖକ ପଦ୍ମଭୂଷଣ ଜାଭେଦ ଅଖତରଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ। ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହୋଇ ପଦ୍ମଭୂଷଣ ଜାଭେଦ ଅଖତର ନିଜର ସଂକ୍ଷିପ୍ତ ଭାଷଣରେ କହିଥିଲେ ଯେ ସେ ପୁରସ୍କାର ପାଇ ସେ ସମ୍ମାନିତ ଓ ଯୁବପିଢ଼ିଙ୍କୁ ସାହିତ୍ୟ, ଭାଷା, ସଂସ୍କୃତି ଏବଂ ପରମ୍ପରା ସହିତ ଅଧିକ ଗଭୀର ଭାବରେ ଜଡିତ ହେବାକୁ ମଧ୍ୟ ଆହ୍ୱାନ ଜଣାଇଥିଲେ। ଜଣେ ଏହି ବିଷୟଗୁଡ଼ିକ ଉପରେ ଯେତେ ଅଧିକ ଅନୁସନ୍ଧାନ କରେ ଜ୍ଞାନ ସେତେ ସମୃଦ୍ଧ ହୁଏ ବୋଲି ପଦ୍ମଭୂଷଣ ଜାଭେଦ୍ ଅଖତର କହିବା ସହିତ ସାହିତ୍ୟ ମହୋତ୍ସବରେ ବହୁ ସଂଖ୍ୟକ ଯୁବକ ଯୁବତୀଙ୍କ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ।

## ମହିଳା ମହାବିଦ୍ୟାଳୟରେ ପୁରାତନ ଛାତ୍ରୀ ସମ୍ମିଳନୀ

ଭୁବନ,୩୦/୧୧ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆମ ଗୌରବ, ଆମ କଲେଜ ଆନୁକୁଲ୍ୟରେ ପୁରାତନ ଛାତ୍ରୀ ସମ୍ମିଳନୀ ଓ ଆତ୍ମ ନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧାପକ ନିରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରି ପୁରାତନ ଛାତ୍ରୀ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ରୀ ମାନେ ହେଉଛନ୍ତି କଲେଜର ଗର୍ବ ଓ ଗୌରବ ଏବଂ ବର୍ତମାନର ଛାତ୍ରୀଙ୍କ ପାଇଁ ମାର୍ଗଦର୍ଶକ । ସମାଜର ବିଭିନ୍ନ ସମସ୍ୟାର ସମାଧାନ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ପୁରାତନ ଛାତ୍ରୀ ମାନଙ୍କ ହାତରେ ରହିଛି ବୋଲି ଅଧକ୍ଷ ଦିଲ୍ଲୀପ କୁମାର ଦାସ ମତବ୍ୟକ୍ତ କରିଥିଲେ । ବିଦେଶୀ ଦ୍ରବ୍ୟର ବ୍ୟବହାର ସମ୍ପୂର୍ଣ ବନ୍ଦ କରି ସ୍ୱଦେଶୀ ଦ୍ରବ୍ୟ କିଣାକିଣି କରି ଆତ୍ମ ନିର୍ଭର ଭାରତ ନାରାବାଜିକୁ ସଫଳ କରିବାକୁ ଅଧାପିକା ଡଃ. ମମତା ପାତ୍ର ଆହ୍ୱାନ ଦେଇଥିଲେ । ପୁରାତନ ଛାତ୍ରୀ ମାନେ ନିଜର ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ମାନଙ୍କ ମଧ୍ୟରେ ସ୍ୱଦେଶୀ ଓ ବିଦେଶୀ ସାମଗ୍ରୀ ସମ୍ବନ୍ଧେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା

ବଲାଙ୍ଗିର,୩୦/୧୧ (ନି.ପ୍ର): ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୧୭ବର୍ଷରୁ କମ ବାଳକ ବର୍ଗର ଫୁଟବଲ ପ୍ରତିଯୋଗିତାର ଲିଗ ମ୍ୟାଚ ସହରର ଆରଏନ ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ, ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ଟାଉନ ହାଇସ୍କୁଲ ଖେଳ ପଡିଆ, ମିଶନ ହାଇସ୍କୁଲ ଖେଳ ପଡିଆ ଏବଂ ସଦାଇପାଲି ସାଇଟ ଖେଳ ପଡିଆ ଠାରେ ଆରମ୍ଭ ହୋଇଯାଇଛି। ଆରଏନ ସିଂ ଦେଓ ଖେଳ ପଡିଆ ଠାରେ ପ୍ରଥମ ଲିଗ ମ୍ୟାଚ ବଲାଙ୍ଗୀର ବନାମ ସମ୍ବଲପୁର ମଧ୍ୟରେ ହୋଇଥିଲା। ବଲାଙ୍ଗୀର ୨-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କୋରାପୁଟ ବନାମ କନ୍ଧମାଳ ମଧ୍ୟରେ ହୋଇଥିଲା ଓ ଏହି ମ୍ୟାଚ ୦-୦ରେ ଡ୍ର ହୋଇଥିଲା। ତୃତୀୟ ମ୍ୟାଚ ସମ୍ବଲପୁର ବନାମ ମୟୁରଭଞ୍ଜ ମଧ୍ୟରେ ହୋଇଥିବା ବେଳେ ମୟୁରଭଞ୍ଜ ୨-୧ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ଗଞ୍ଜାମ ବନାମ କନ୍ଧମାଳ ମଧ୍ୟରେ ହୋଇଥିବା ବେଳେ ଗଞ୍ଜାମ ୧-୦ରେ ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚ ବଲାଙ୍ଗୀର ବନାମ ମୟୁରଭଞ୍ଜ ମଧ୍ୟରେ ୦-୦ ରେ ଡ୍ର ହୋଇଥିଲା। ଷଷ୍ଠ ମ୍ୟାଚ କୋରାପୁଟ ବନାମ ଗଞ୍ଜାମ ମଧ୍ୟରେ ହୋଇଥିଲା ଓ ଏହି ମ୍ୟାଚ ୦-୦ରେ ଡ୍ର ହୋଇଥିଲା। ସେହିପରି ମିସନ ପଡିଆ ଠାରେ ପ୍ରଥମ ଲିଗ ମ୍ୟାଚ ପୁରୀ ବନାମ କଳାହାଣ୍ଡି ମଧ୍ୟରେ ହୋଇଥିଲା ଓ ପୁରୀ ୪-୧ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଗଜପତି ବନାମ ବାଲେଶ୍ୱର ମଧ୍ୟରେ ହୋଇଥିବା ମ୍ୟାଚରେ ବାଲେଶ୍ୱର ୪-୦ରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କଳାହାଣ୍ଡି ବନାମ ସୋନପୁର ମଧ୍ୟରେ ହୋଇଥିଲା ଓ ସୋନପୁର ଦଳ ୩-୦ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ରେ ବାଲେଶ୍ୱର ବନାମ ଅନୁଗୁଳ ମଧ୍ୟରେ ହୋଇଥିବା ବେଳେ ମ୍ୟାଚ ୧-୧ ରେ ଡ୍ର ହୋଇଥିଲା। ପଂଚମ ମ୍ୟାଚ ପୁରୀ ବନାମ ସୋନପୁର ମଧ୍ୟରେ ହୋଇଥିଲା ଓ ସୋନପୁର ଦଳ ୩-୦ ରେ ବିଜୟୀ ହୋଇଥିଲା। ଷଷ୍ଠ ମ୍ୟାଚ ଅନୁଗୁଳ ବନାମ ଗଜପତି ମଧ୍ୟରେ ହୋଇଥିଲା ଓ ଅନୁଗୁଳ ୯-୦ରେ ବିଜୟୀ ହୋଇଥିଲା। ଟାଉନ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ଲିଗ ମ୍ୟାଚରେ ମାଲକାନଗିରି ବନାମ ନବରଙ୍ଗପୁର ମଧ୍ୟରେ ହୋଇଥିବା ବେଳେ ନବରଙ୍ଗପୁର ୩-୧ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜଗତସିଂହପୁର ବନାମ କେନ୍ଦୁଝର ମଧ୍ୟରେ ହୋଇଥିଲା। କେନ୍ଦୁଝର ୧-୦ ରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କେନ୍ଦ୍ରାପଡା ବନାମ ଦେବଗଡ ମଧ୍ୟରେ ହୋଇଥିଲା,କେନ୍ଦ୍ରାପଡା ୧-୦ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ମାଲକାନଗିରି ବନାମ ଯାଜପୁର ମଧ୍ୟରେ ହୋଇଥିବା ବେଳେ ମ୍ୟାଚ ୦-୦ରେ ଡ୍ର ହୋଇଥିଲା। ପଞ୍ଚମ ମ୍ୟାଚ କେନ୍ଦୁଝର ବନାମ କେନ୍ଦ୍ରାପଡା ମଧ୍ୟରେ ହୋଇଥିଲା ଓ ଏଥିରେ କେନ୍ଦୁଝର ଦଳ ୨-୧ରେ ବିଜୟୀ ହୋଇଥିଲେ।ଷଷ୍ଠ ମ୍ୟାଚ ଜଗତସିଂହପୁର ବନାମ ଦେବଗଡ ମଧ୍ୟରେ ହୋଇଥିଲା ଏଥିରେ ଦେବଗଡ଼ ୨-୧ରେ ବିଜୟୀ ହୋଇଥିଲା।ସପ୍ତମ ମ୍ୟାଚ ନବରଙ୍ଗପୁର ବନାମ ଯାଜପୁର ମଧ୍ୟରେ ହୋଇଥିଲା ଓ ନବରଙ୍ଗପୁର ୧-୦ରେ ବିଜୟୀ ହୋଇଥିଲା। ଅଷ୍ଟମ ମ୍ୟାଚ କେନ୍ଦୁଝର ବନାମ ଦେବଗଡ ମଧ୍ୟରେ ହୋଇଥିଲା ଓ ଦେବଗଡ ଦଳ ୨-୧ରେ ବିଜୟୀ ହୋଇଥିଲେ।ନବମ ମ୍ୟାଚ ଜଗତସିଂହପୁର ବନାମ କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା ଏହି ମ୍ୟାଚ ୨-୨ ରେ ଡ୍ର ହୋଇଥିଲା।ପିଆର ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ଲିଗ ମ୍ୟାଚ ରେ ପ୍ରଥମେ ନୂଆପଡା ବନାମ ବୌଦ୍ଧ ମଧ୍ୟରେ ହୋଇଥିଲା ଓ ନୂଆପଡା ଦଳ ୧-୦ରେ ବିଜୟୀ ହୋଇଥିଲା।ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ବନାମ ଝାରସୁଗୁଡା ମଧ୍ୟରେ ହୋଇଥିଲା ଏହି ମ୍ୟାଚ ରେ ସୁନ୍ଦରଗଡ ଦଳ ୨-୦ରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ବରଗଡ ବନାମ ଝାରସୁଗୁଡା ମଧ୍ୟରେ ହୋଇଥିଲା ଓ ବରଗଡ ଦଳ ୧-୦ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ନୂଆପଡା ବନାମ ନୟାଗଡ ମଧ୍ୟରେ ହୋଇଥିବା ବେଳେ ନୟାଗଡ ଦଳ ୬-୦ରେ ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚ ସୁନ୍ଦରଗଡ ବନାମ ବରଗଡ ମଧ୍ୟରେ ହୋଇଥିଲ ଏଥିରେ ସୁନ୍ଦରଗଡ଼ ଦଳ ୨-୦ରେ ବିଜୟୀ ହୋଇଥିଲା। ଷଷ୍ଠ ମ୍ୟାଚ ବୌଦ୍ଧ ବନାମ ନୟାଗଡ ମଧ୍ୟରେ ହୋଇଥିଲା ଏହି ମ୍ୟାଚ ରେ ନୟାଗଡ ଦଳ ୩-୦ ରେ ବିଜୟୀ ହୋଇଥିଲା।ସଦାଇପାଲି ସାଇଟ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ଲିଗ ମ୍ୟାଚ ରେ କଟକ ବନାମ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ ରେ ଭୁବନେଶ୍ୱର ୧-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଭଦ୍ରକ ବନାମ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା ଓ ମ୍ୟାଚ ୧-୧ରେ ଡ୍ର ହୋଇଥିଲା। ତୃତୀୟ ମ୍ୟାଚ ଭୁବନେଶ୍ୱର ବନାମ ରାୟଗଡା ମଧ୍ୟରେ ହୋଇଥିଲା ଓ ଭୁବନେଶ୍ୱର ୫-୦ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ଖୋର୍ଦ୍ଧା ବନାମ ଢେଙ୍କାନାଳ ମଧ୍ୟରେ ହୋଇଥିଲା ଓ ଢେଙ୍କାନାଳ ଦଳ ୫-୦ରେ ବିଜୟୀ ହୋଇଥିଲା।

# ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର,୩୦/୧୧ (ନି.ପ୍ର): ନିଶାମୁକ୍ତ ଭାରତ ଅଭିଯାନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଏନଏସଏସ ଛାତ୍ର ଛାତ୍ରୀ ମାନେ ଏକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀ ମାନେ ସଚେତନତା ପ୍ଲା କାର୍ଡ ଧରି ଲୋକ ମାନଙ୍କୁ ସଚେତନ କରିଥିଲେ । ସ୍ନାତକୋତର ପରିଷଦ ଅଧକ୍ଷ ଡାକ୍ତର ପ୍ରଶାନ୍ତ ପାତ୍ର ଏନଏସଏସର ସଦସ୍ୟ ମାନଙ୍କୁ ସଚେତନତାର ବାର୍ତା ଦେଇଥିଲେ । କାର୍ଯ୍ୟକ୍ରମକୁ ଏନଏସଏସ ପ୍ରୋଗ୍ରାମ ଅଫିସର ଲୋକେଶ ପ୍ରଧାନ ଓ ସୁକାନ୍ତି ସଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁର ଠାରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକୀ ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନିଶାମୁକ୍ତ ଭାରତ ଅଭିଯାନରର ଶପଥ ପାଠ ନିଆଯିବା ସହିତ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସଚେତନତାଧର୍ମୀ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ଭାରପ୍ରାପ୍ତ ଅଧକ୍ଷ ଡ. ଉପାନନ୍ଦ ପାଣି ମହୋଦୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯୁବପିଢୀଙ୍କ ମଧ୍ୟରେ ନିଶାର ପ୍ରଭାବ କିପରି ବଢ଼ିଚାଲିଛି ଏବଂ ତାର କୁ ପରିଣାମ ସମ୍ପର୍କରେ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଯୁକ୍ତ ୩ ଶ୍ରୀମତୀ ସୁନିତା କୁମାରୀ ପ୍ରଧାନ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଯୁକ୍ତ ୨ ଜାତୀୟ ସେବା ଯୋଜନା ଅଧିକାରିଣୀ ଶ୍ରୀମତୀ ସୀମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ବୃନ୍ଦ ସମେତ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଶିକ୍ଷୟତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ

କେନ୍ଦୁଝର,୩୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ସତ୍ୟନାରାୟଣ ବିଦ୍ୟାପୀଠର ଭାରପ୍ରାପ୍ତ ସହକାରୀ ଶିକ୍ଷୟତ୍ରୀ ଦୀପ୍ତିଶୋଭା ବେହେରାଙ୍କୁ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ନିମନ୍ତ୍ରିତ ହୋଇ ମୁଖ୍ୟ ଅତିଥିଭାବେ ବରିଷ୍ଠ ବ୍ୟକ୍ତି, ସମାଜସେବୀ ତଥା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ମ୍ୟାନେଜର କୁଳମଣି ମଣ୍ଡଳ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ସାହୁ, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ତଥା କରଞ୍ଜିଆ ଅଟୋନୋମସ କଲେଜର ଅବସରପ୍ରାପ୍ତ ଅଧକ୍ଷ ଭାଗୀରଥୀ ପୃଷ୍ଟି, ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜୟ କୁମାର ସାହୁ, ସରପଂଚ ଖଇର ନାୟକ, ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର ମହାନ୍ତ, ସମାଜସେବୀ ପୀତବାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟତ୍ରୀ ସୂର୍ଣ୍ଣଲତା ସାହୁ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଦୀପାଞ୍ଜଳି ସେଠି ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଲମ୍ବୋଦର ନାୟକ। ପ୍ରଥମେ ଅତିଥିମାନେ ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ ଓ ପରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ବିଦାୟୀ ଶିକ୍ଷୟତ୍ରୀଙ୍କ ସମୟାନୁବର୍ତ୍ତିତା, ନିଷ୍ଠାପରତା, ଶିକ୍ଷାଦାନ, ବିଦ୍ୟାଳୟ ପ୍ରତି ଓ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଭଲପାଇବା ଉପରେ ଅଭିଭାଷଣ ଦେଇଥିଲେ। ପରେ ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ମଧୁସ୍ମିତା ମହାପାତ୍ର, ବନଲତା ଚାନ୍ଦ, ରଞ୍ଜିତା ମୁର୍ମୁ, ଦୀନବନ୍ଧୁ ପଣ୍ଡା, ପ୍ରଶାନ୍ତ ମହାନ୍ତି, କମଳାକାନ୍ତ ମହାନ୍ତ, ମଦନ ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓଡ଼ିଆପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦ ୱେବସାଇଟ୍ ଶୁଭାରମ୍ଭ

## ୱେବସାଇଟ୍ ମାଧ୍ୟମରେ ନିଜର ସୃଜନଶୀଳତାକୁ ପଞ୍ଜୀକରଣ କରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନତା ଏବଂ ଉଦ୍ୟୋଗୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜନ କରାଯାଉଛି ଓଡ଼ିଆପ୍ରେନ୍ୟୁର ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦ । ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟୋଗୀତା ବିଭାଗ ଏବଂ ୟୁନିସେଫ୍ ର ମିଳିତ ସହଯୋଗରେ ଉଚ୍ଚ ମାଧ୍ୟମିକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ହାକାଥନ୍ ର ଆୟୋଜନ କରାଯିବ । ଏହିକ୍ରମରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆଜି ଓଡ଼ିଆପ୍ରେନ୍ୟୁର ୱେବପୋର୍ଟାଲ୍ ର ଶୁଭାରମ୍ଭ କରିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ । ଏହି ୱେବପୋର୍ଟାଲ୍ ଜରିଆରେ ଛାତ୍ରଛାତ୍ରୀମାନେ ନିଜନିଜ ସୃଜନଶୀଳତାକୁ ପ୍ରଦର୍ଶନ କରିପାରିବେ, ନିଜ ନିଜ ମେଂଟରମାନଙ୍କ ସହାୟତାରେ ସେମାନେ ୱେବପୋର୍ଟାଲ୍ ମାଧ୍ୟମରେ ନିଜ ପ୍ରକଳ୍ପଭିତ୍ତିକ ଅଭିନବ ସୃଜନଶୀଳତା ରେଜିଷ୍ଟର କରିପାରିବେ ।

କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକଙ୍କ ସମେତ ସ୍ମିତା ରାଉତ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଡକ୍ଟର ନରେଶ ଚନ୍ଦ୍ର ସାହୁ, ଆସିସଟାଂଟ ପ୍ରଫେସର, ଆଇଆଇଟି ଭୁବନେଶ୍ୱର, ଲଳିତା ପଟ୍ଟନାୟକ, ଶିକ୍ଷା ବିଶେଷଜ୍ଞ, ୟୁନିସେଫ୍, ଶ୍ରୀମତୀ ସି.ଏଚ୍ ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ, ଡ଼ ଉମାକାନ୍ତ ସେଠୀ, ଓଆଇସି, ସାମ୍ସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକଳ୍ପ ବିଷୟରେ ଆଲୋଚନା କରି, ନିର୍ଦ୍ଦେଶକ ଶ୍ରୀମତୀ ନିୟତି ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଆପ୍ରେନ୍ୟୁର, ସ୍ମାର୍ଟ ଓଡ଼ିଶା ହାକାଥନ ଛାତ୍ରଛାତ୍ରୀମାନଙ୍କ ନିକଟରୁ ସର୍ବୋତ୍ତମ ନବସୃଜନ ଚିନ୍ତାଧାରାକୁ ସଂଗ୍ରହ କରିବ । ଏହା କେବଳ ନବସୃଜନକୁ ପ୍ରୋତ୍ସାହିତ କରିବା ନାହିଁ ବରଂ ଛାତ୍ରଛାତ୍ରୀମାନଙ୍କୁ ଉଦ୍ୟୋଗ ଓ ଉଦ୍ୟୋଗୀମାନଙ୍କ ସହ ମିଶିବାକୁ ସୁଯୋଗ ସୃଷ୍ଟି କରିବ ଏବଂ ସେମାନଙ୍କ ଅଭିଜ୍ଞତାରୁ ଶିଖିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। ଓଡ଼ିଶାର ପରବର୍ତ୍ତୀ ପିଢ଼ିର ନବସୃଜନକାରୀଙ୍କୁ ସଶକ୍ତ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହିତ ସହଯୋଗ କରିବାକୁ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି ଆସିସଟାଂଟ ପ୍ରଫେସର ଡକ୍ଟର ନରେଶ ଚନ୍ଦ୍ର ସାହୁ । ଏହି ହାକାଥନ୍ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପ୍ରତିଭା, ସୃଜନଶୀଳତା ଏବଂ ସମସ୍ୟା ସମାଧାନ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ, ଏବଂ ଆମେ ସେମାନଙ୍କୁ ଉତ୍କର୍ଷତା ଆଡ଼କୁ ମାର୍ଗଦର୍ଶନ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି । ସେହିପରି ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରୟାସକୁ ପ୍ରଶଂସା କରିଛନ୍ତି । ହାକାଥନ୍ ଆୟୋଜନ ଫଳରେ ଛାତ୍ରଛାତ୍ରୀମାନଙ୍କର ନବସୃଜନ ଚିନ୍ତାଧାରାର ସଦୁପଯୋଗ ହୋଇପାରିବ ଏବଂ ସେମାନେ ସାମାଜିକ ଦୃଷ୍ଟିକୋଣରୁ ସମସ୍ୟାର ସମାଧାନ କରିପାରିବେ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ଡିସେମ୍ବର ୨୦୨୫ ଏବଂ ଜାନୁଆରୀ ୨୦୨୬ ରେ ହେବାକୁ ଥିବା ଏହି ହାକାଥନ୍ ରେ ଓଡ଼ିଶାର ପ୍ରାୟ ୩,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏଥିସହ ୯୦୦ ରୁ ଅଧିକ ପ୍ରକଳ୍ପ ଭିତ୍ତିକ ସୃଜନଶୀଳତା ମିଳିପାରିବ ବୋଲି ଆଶା କରାଯାଉଛି । ଏହି ହାକାଥନ୍ ରେ ମୁଖ୍ୟତଃ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଭାଗ ନେବେ । ସ୍ମାର୍ଟ ଓଡ଼ିଶା ହାକାଥନ୍ ରେ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟସେବା, ନବୀକରଣୀୟ ଶକ୍ତି ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯିବ । ଆସନ୍ତା ଦୁଇ ମାସ ମଧ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଥମେ ବିଦ୍ୟାଳୟସ୍ତରରେ ପରେ ଜିଲ୍ଲାସ୍ତରରେ ଏବଂ ଶେଷରେ ରାଜ୍ୟସ୍ତରରେ ଆୟୋଜନ କରାଯିବ ।

# ଜିଲ୍ଲା ସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଅନୁଷ୍ଠିତ

ନୂଆପଡା,୩୦/୧୧ (ନି.ପ୍ର): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଶୂର୍ମି ସୋରେନ୍ , ଡି ଆର୍ ସି ଏସ ଶିବ ପ୍ରସାଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରିୟ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ, କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ । ପ୍ରାଥମିକ ସ୍ତରରେ ଏହା କୃଷକ ମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରି ଗ୍ରାମାଂଚଳର କୃଷକ ମାନଙ୍କ ବିଶ୍ୱାସ ଭାଜନ ହୋଇଥାଏ । ସମବାୟ ସୁରକ୍ଷିତ ରହିଲେ କୃଷକ ସମାଜ ସମୃଦ୍ଧ ହେବ । ଏହାପରେ ଆସନ୍ତା ବର୍ଷ ପାଇଁ ନୂଆପଡ଼ା ଜିଲ୍ଲାର ସମବାୟ ବିକାଶ ଉପରେ ବିଶଦ୍ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରି ନୂଆପଡ଼ା ଜିଲ୍ଲାରେ ସମବାୟର ବିକାଶ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ । ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ କିଣା, ସାର ଓ ବିହନ ର ସୁବଂଟନ, କେ ସି ସି ଋଣ ପ୍ରଦାନ, ମାଇକ୍ରୋ ଏ ଟି ଏମ ଦ୍ୱାରା ଟଙ୍କା ଉଠାଣ କିଭଳି ଭାବେ ସୁଚାରୁ ରୂପେ ହୋଇପାରିବ, ସେଥିପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୩୦/୧୧ (ନି.ପ୍ର): ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ ଓଡ଼ିଶା ଗଠନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଶନିବାର ଦିନ ଓଡ଼ିଶା ଟେଲିଭିଜନ ନେଟୱର୍କ ଆନୁକୂଲ୍ୟରେ ଭୁବନେଶ୍ୱର ଠାରେ ଆୟୋଜିତ ଓଡ଼ିଶା ସିଟିଜେନସ ଆୱାର୍ଡ଼ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏକ ସମାଜର ପ୍ରକୃତ ପ୍ରଗତି କେବଳ ଏହାର ଅନୁଷ୍ଠାନ ଦ୍ୱାରା ନୁହେଁ ବରଂ ଏହାର ଲୋକଙ୍କ କରୁଣା, ଚରିତ୍ର ଏବଂ ପ୍ରତିବଦ୍ଧତା ଦ୍ୱାରା ଗଠିତ। ଓଡ଼ିଶା ଏହାର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି ଦେଖିପାରୁଛି ଓ ଏହି ଗତିକୁ ବଜାୟ ରଖିବା ପାଇଁ ସମାଜର ସମସ୍ତ ବର୍ଗର ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି। ପରିବେଶ ଅବକ୍ଷୟ, ସାଇବର ଅପରାଧ, ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଭଳି ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଜନସାଧାରଣଙ୍କୁ ସତର୍କ ରହିବା, ଯୁବ ପିଢ଼ିଙ୍କୁ ସୁରକ୍ଷା ଦେବା ଏବଂ ଶାନ୍ତି ଏବଂ ସାମାଜିକ ସଦଭାବ ବଜାୟ ରଖିବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ।

# ଡିସେମ୍ବର ୧୪ରେ ହେବ ରାହାଗିରି

ଜୟପୁର,୩୦/୧୧ (ନି.ପ୍ର): ଜୟପୁର ସହରକୁ ଫେରିବ ରାହାଗିରି ଭଳି ମନୋରଞ୍ଜନ ଭିତିକ କାର୍ଯ୍ୟକ୍ରମ। ଶୀତୁଆ ସକାଳରେ ଜୟପୁରବାସୀ ପୁଣିଥରେ ରାହାଗିରିର ମଜା ଉଠାଇବେ। ନାଚ ଗୀତରେ ଝୁମିବେ, ମତୁଆଲା ହେବେ। ତା' ସାଙ୍ଗକୁ ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଆଜି ପୌର ସଭାଗୃହରେ ଏକ ବୈଠକରେ ଆଲୋଚନା କରାଯାଇଛି। ପୁନର୍ବାର ରାହାଗିରି କରିବା ନିମନ୍ତେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ପ୍ରସ୍ତାବ ଦେବାପରେ ଏହାକୁ ସର୍ବସମ୍ମତି କ୍ରମେ କାଉନସିଲରଓ ପୌର କର୍ମକର୍ତାଙ୍କ ଉପସ୍ଥିତିରେ ପାସ କରାଯାଇଥିଲା। ତେବେ ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ୧୪ ତାରିଖ ରବିବାର ଦିନ ରାହାଗିରି ଜୟପୁର ମୁଖ୍ୟ ରାସ୍ତାରେ କରିବା ପାଇଁ ନିଷ୍ପତି ନିଆଗଲା। ନରେନ୍ଦ୍ର ମହାନ୍ତି କହିଛନ୍ତି, ଶୀତ ସକାଳର ଆରମ୍ଭ ଏବେ ରାହାଗିରିରୁ ହେବ। ଏବେ କେବଳ ପ୍ରସ୍ତାବ ପାରିତ ହୋଇଛି। ଖୁବ ଶୀଘ୍ର ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମ କରାଯିବ। ସୂଚନା ଯୋଗ୍ୟ, କୋଭିଡ ପୂର୍ବରୁ ରାହାଗିରି କାର୍ଯ୍ୟକ୍ରମ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇ ପାରିଥିଲା। ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରୁଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସଚେତନତା ବାର୍ତ୍ତା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ୨୦୧୭ ମସିହାରେ ରାହାଗିରି ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଟେ ବର୍ଷ ବ୍ୟବଧାନରେ ୨୦୧୮ ରେ ହକି ବିଶ୍ୱକପ ସମୟରେ ରାହାରିଗି ନୂତନ ରଙ୍ଗ ନେଇ ଫେରିଥିଲା ଯାହାର ନାମ ରହିଥିଲା ପଥ ଉତ୍ସବ। ବିଗତ ରାହାଗିରିରେ ୨୮ ପ୍ରକାରର କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିବା ବେଳେ ଚଳିତ ବର୍ଷ ୫୦ଟି କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରାଯାଇଛି।

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ୍ୟ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...




# ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ




ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧ୍ୟରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ୍ୟ କୁହାଯାଏ । ଯହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧ୍ୟରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ। କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ୍ୟ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ୍ୟ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି। ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ୍ୟ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏହି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

# କାମରେ ବାଧା ଏବଂ ଖରାପ ନଜର ଦୂର କରେ କଳା ସୋରିଷ




ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାୟତ ହୋଇଥାଏ ।

# ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢିଯାଏ ହାର୍ଟ ଆଟାକର ସମ୍ଭାବନା



ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧ୍ୟରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ହୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ।

# ଅଲ୍‌ଝାଇମର୍ସ ପାଇଁ ପୋଦିନା ବରଦାନ



ଅଲ୍‌ଝାଇମର୍ସ ଓ ପୋଦିନା ତୈଳ ବା ରାସାୟନିକ ଯୌଗିକ 'ମେନ୍ଥଲ' ମଧ୍ୟରେ ଏକ ଅଜଣା ସମ୍ପର୍କ ଲୋକଲୋଚନକୁ ଆସିଛି। ସଦ୍ୟ ଅନୁଷ୍ଠିତ ଏକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଏକ ଅଲ୍‌ଝାଇମର୍ସରେ ପୀଡ଼ିତ ମୂଷାକୁ 'ମେନ୍ଥଲ' ଶୁଂଘାଇବା ଦ୍ୱାରା ତାହାର ଜ୍ଞାନାତ୍ମକ ଦକ୍ଷତାରେ ଉନ୍ନତି ଘଟିପାରୁଛି। ସୁତରାଂ ଅଲ୍‌ଝାଇମର୍ସ ଦ୍ୱାରା ମସ୍ତିଷ୍କର ସ୍ନାୟୁ ବା କୋଷରେ ସଂଘଟିତ କ୍ଷତିକୁ ଏହି ରାସାୟନିକ ପଦାର୍ଥ ରୋକିପାରିବ ବୋଲି ଆଶା କରାଯାଉଛି। ଆମ ମସ୍ତିଷ୍କରେ 'ଇଣ୍ଟରଲ୍ୟୁକିନ୍-୧-ବିଟା' ନାମକ ଏକ ପ୍ରକାର ପ୍ରୋଟିନ୍ କ୍ଷରଣ ହୋଇଥାଏ, ଯାହା ଶରୀରରେ ପ୍ରଦାହ ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିଥାଏ, ଫଳରେ ଶରୀରକୁ ରୋଗପ୍ରତିରୋଧକତା ପରି ପ୍ରାକୃତିକ ସୁରକ୍ଷା ମିଳିଥାଏ। ତେବେ ଏହି ପ୍ରୋଟିନ୍‌ର ଅସନ୍ତୁଳନ ନାନା ସମସ୍ୟା ସୃଷ୍ଟି କରିଥାଏ। ବିଶେଷ କରି ଅଲ୍‌ଝାଇମର୍ସ ଆକ୍ରାନ୍ତଙ୍କ ଠାରେ ଏହି ପ୍ରୋଟିନ୍ ପରିମାଣର ହ୍ରାସ ପରିଲକ୍ଷିତ ହୋଇଥାଏ। ପୂର୍ବରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, କୌଣସି ଗନ୍ଧ ଆଘ୍ରାଣ ଦ୍ୱାରା ଶରୀରର ଏହି ରୋଗପ୍ରତିରୋଧକତା ଅବସ୍ଥାରେ ଉନ୍ନତି ଅଣାଯାଇପାରିବ। ତେଣୁ ଗବେଷକମାନେ ବିଭିନ୍ନ ପ୍ରକାର ରାସାୟନିକ ଯୌଗିକର ଗନ୍ଧକୁ ପ୍ରୟୋଗ କରି ଆସୁଥିଲେ। ଏହି କ୍ରମରେ ପରୀକ୍ଷାମୂଳକ ଭାବେ ମୂଷାଙ୍କୁ ଦୀର୍ଘ ଛଅମାସ କାଳ ନିର୍ଦ୍ଦିଷ୍ଟ ମାତ୍ରାର 'ମେନ୍ଥଲ' ଶୁଂଘାଇବା ପରେ ତାହାର 'ଇଣ୍ଟରଲ୍ୟୁକିନ୍-୧-ବିଟା' ପ୍ରୋଟିନ୍ ସ୍ତର ପୂର୍ବାବସ୍ଥାକୁ ଫେରି ଆସିଥିବା ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଲ୍‌ଝାଇମର୍ସ ପୀଡ଼ିତ ମୂଷାଠାରେ 'ମେନ୍ଥଲ' ପ୍ରୟୋଗ ତାହାର ରୋଗପ୍ରତିରୋଧକତା ବଢ଼ାଇବା ସହ ସେ ତାହାର ଜ୍ଞାନାତ୍ମକ ଦକ୍ଷତା ଉଲ୍ଲେଖନୀୟ ଭାବେ ଫେରି ପାଇଥିବା ଦେଖାଯାଇଥିଲା। ବିଶେଷ କରି ଅଲ୍‌ଝାଇମର୍ସ, ପାର୍କିନ୍‌ସନ୍‌ସ ଓ ସିଜୋଫ୍ରେନିଆ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଘ୍ରାଣଶକ୍ତି ଢେର କମିଯାଇଥାଏ। ସୁତରାଂ ଏହି ସଦ୍ୟ ଅନୁଧ୍ୟାନ ଗବେଷକମାନଙ୍କ ମନରେ 'ମେନ୍ଥଲ' ଆଘ୍ରାଣକୁ ଏକ ଅଲ୍‌ଝାଇମର୍ସ ଉପଚାର ଭାବେ ଉପଯୋଗ କରିବାର ଆଶା ସଂଚାର କରିଛି।

# ଅଧିକ କାମ ମଧୁମେହର କାରଣ

ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ୍ୟ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ




ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁଲିନ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

# ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ



ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଲଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

# ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇକରଣ: ଏକ ନୂତନ ଦିଗନ୍ତ ନା ବିପଦପୂର୍ଣ୍ଣ ପଦକ୍ଷେପ ?

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ଭାରତବର୍ଷ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ଦଣ୍ଡାୟମାନ। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏବଂ ବିଶ୍ୱସ୍ତରୀୟ ଶକ୍ତି ସଙ୍କଟ ମଧ୍ୟରେ ଦେଶର ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିବା ସରକାରଙ୍କ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇପଡିଛି । ଏହି ପରିପ୍ରେକ୍ଷୀରେ, ନିକଟରେ ଭାରତ ସରକାର ପରମାଣୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ଅନୁମତି ଦେବା ପାଇଁ ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହା ଏକ ଐତିହାସିକ ତଥା ବିତର୍କମୂଳକ ନିଷ୍ପତ୍ତି ଭାବରେ ଉଭା ହୋଇଛି । ୧୯୬୨ ମସିହାର ପରମାଣୁ ଶକ୍ତି ଆଇନ ଅନୁଯାୟୀ, ଦୀର୍ଘ ଛଅ ଦଶନ୍ଧି ଧରି ପରମାଣୁ ଶକ୍ତି ଉତ୍ପାଦନ କେବଳ କେନ୍ଦ୍ର ସରକାରଙ୍କ ଏକଚାଟିଆ ଅଧିକାର ଭୁକ୍ତ ଥିଲା । କିନ୍ତୁ ବର୍ତ୍ତମାନର ପ୍ରସ୍ତାବିତ ନୀତି ପରିବର୍ତ୍ତନ କେବଳ ଶକ୍ତି କ୍ଷେତ୍ରର ଢାଞ୍ଚାଗତ ପରିବର୍ତ୍ତନ ନୁହେଁ, ବରଂ ଏହା ଦେଶର ଭବିଷ୍ୟତ, ସୁରକ୍ଷା ଏବଂ ପରିବେଶ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇବାର କ୍ଷମତା ରଖେ । ଏହି ସମ୍ପାଦକୀୟର ଉଦ୍ଦେଶ୍ୟ ହେଉଛି ସରକାରଙ୍କ ଏହି ଯୋଜନାର ବିଶ୍ଳେଷଣାତ୍ମକ ବ୍ୟାଖ୍ୟା କରିବା ଏବଂ ଏହାର ସମ୍ଭାବ୍ୟ ପରିଣାମ ଗୁଡିକୁ ତଥ୍ୟ ଭିତ୍ତିରେ ପର୍ଯ୍ୟାଲୋଚନା କରିବା ।

ସର୍ବପ୍ରଥମେ, ଏହି ନିଷ୍ପତ୍ତି ପଛରେ ଥିବା କାରଣ ଏବଂ ତଥ୍ୟକୁ ବୁଝିବା ଆବଶ୍ୟକ। ଭାରତ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ବା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନର ଲକ୍ଷ୍ୟ ଧାର୍ଯ୍ୟ କରିଛି । ବର୍ତ୍ତମାନ ଭାରତର ମୋଟ ବିଦ୍ୟୁତ ଉତ୍ପାଦନ କ୍ଷମତାର ପ୍ରାୟ ୫୦ ପ୍ରତିଶତରୁ ଅଧିକ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ରରୁ ଆସୁଛି, ଯାହା ପରିବେଶ ପାଇଁ କ୍ଷତିକାରକ। ଅନ୍ୟପକ୍ଷରେ, ସୌର ଏବଂ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ସଗୁଡିକ ପାଣିପାଗ ଉପରେ ନିର୍ଭରଶୀଳ ଏବଂ ସର୍ବଦା ଉପଲବ୍ଧ ନୁହେଁ । ବର୍ତ୍ତମାନ ଭାରତରେ ପରମାଣୁ ଶକ୍ତିର ଉତ୍ପାଦନ କ୍ଷମତା ମାତ୍ର ୭,୪୮୦ ମେଗାୱାଟ ରହିଛି, ଯାହା ଦେଶର ମୋଟ ବିଦ୍ୟୁତ ଉତ୍ପାଦନର ପ୍ରାୟ ୨ ପ୍ରତିଶତ ଅଟେ । ସରକାର ୨୦୩୧-୩୨ ସୁଦ୍ଧା ଏହି କ୍ଷମତାକୁ ୨୨,୪୮୦ ମେଗାୱାଟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ବିଶାଳ ଲକ୍ଷ୍ୟ ହାସଲ କରିବା ପାଇଁ ବିପୁଳ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ସରକାରୀ ଆକଳନ ଅନୁଯାୟୀ, ଆଗାମୀ ଦଶକରେ ଏହି କ୍ଷେତ୍ରରେ ପ୍ରାୟ ୨୬ ବିଲିୟନ ଡଲାର ବା ୨ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିବେଶ ଆବଶ୍ୟକ । ତେଣୁ, ରିଲାଏନ୍ସ, ଟାଟା, ଆଦାନୀ ଏବଂ ବେଦାନ୍ତ ଭଳି ଘରୋଇ କମ୍ପାନୀଗୁଡିକୁ ଏହି କ୍ଷେତ୍ରରେ ନିବେଶ କରିବାକୁ ଆମନ୍ତ୍ରଣ କରାଯାଉଛି ।

ଏହି ଯୋଜନା ଅନୁଯାୟୀ, ଘରୋଇ କମ୍ପାନୀଗୁଡିକ ପରମାଣୁ ବିଦ୍ୟୁତ କେନ୍ଦ୍ର ନିର୍ମାଣ ପାଇଁ ଜମି, ଜଳ ଏବଂ ନିର୍ମାଣ କାର୍ଯ୍ୟରେ ପୁଞ୍ଜି ବିନିଯୋଗ କରିବେ, କିନ୍ତୁ ରିଆକ୍ଟରର ପରିଚାଳନା ଏବଂ ଇନ୍ଧନ ବ୍ୟବସ୍ଥାପନା ନ୍ୟୁକ୍ଲିୟର ପାୱାର କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (NPCIL) ହାତରେ ରହିବ । ବିଶେଷକରି, 'ସ୍ମଲ୍ ମଡ୍ୟୁଲାର ରିଆକ୍ଟର' (SMR) ପ୍ରଯୁକ୍ତିବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ମଡେଲର ସପକ୍ଷରେ ଅନେକ ଯୁକ୍ତି ରହିଛି । ପ୍ରଥମତଃ, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଦକ୍ଷତା ବୃଦ୍ଧି ପାଇବ । ଅତୀତରେ ଦେଖାଯାଇଛି ଯେ, ସରକାରୀ ପରମାଣୁ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ଶେଷ ହୁଏ ଏବଂ ଏହାର ନିର୍ମାଣ ଖର୍ଚ୍ଚ ମଧ୍ୟ ବହୁଗୁଣ ବଢିଯାଏ । ଘରୋଇ କମ୍ପାନୀମାନେ ସାଧାରଣତଃ ପ୍ରକଳ୍ପ ପରିଚାଳନାରେ ଅଧିକ ଦକ୍ଷ ଅଟନ୍ତି ଏବଂ ସମୟାନୁବର୍ତ୍ତୀତା ବଜାୟ ରଖନ୍ତି । ବିଦେଶୀ ଟେକ୍ନୋଲୋଜି ଏବଂ ଉନ୍ନତ ମାନର ଯନ୍ତ୍ରପାତି ଆମଦାନୀ କରିବାରେ ଘରୋଇ କମ୍ପାନୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

ତେବେ, ମୁଦ୍ରାର ଅନ୍ୟ ପାର୍ଶ୍ୱଟି ଏତେ ଉଜ୍ଜ୍ୱଳ ନୁହେଁ । ପରମାଣୁ ଶକ୍ତିର ଘରୋଇକରଣ ସହିତ ଜଡିତ ବିପଦ ଏବଂ ଆଶଙ୍କାଗୁଡିକ ଅତ୍ୟନ୍ତ ଗମ୍ଭୀର । ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି 'ସୁରକ୍ଷା' । ପରମାଣୁ ଶକ୍ତି ଉତ୍ପାଦନରେ ସାମାନ୍ୟ ତ୍ରୁଟି ମଧ୍ୟ ଭୟଙ୍କର ବିପର୍ଯ୍ୟୟ ଡାକି ଆଣିପାରେ । ୨୦୧୧ ମସିହାରେ ଜାପାନର ଫୁକୁସିମା ଦୁର୍ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଫୁକୁସିମା ପ୍ଲାଣ୍ଟଟି 'ଟେପକୋ' (TEPCO) ନାମକ ଏକ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା । ଅନୁସନ୍ଧାନରୁ ଜଣାପଡିଥିଲା ଯେ, କମ୍ପାନୀ ଲାଭ ବଢାଇବା ପାଇଁ ସୁରକ୍ଷା ମାନଦଣ୍ଡରେ ଅବହେଳା କରିଥିଲା। ଭାରତରେ ଯଦି ଘରୋଇ କମ୍ପାନୀମାନେ ଲାଭଖୋର ମନୋବୃତ୍ତି ରଖି ଖର୍ଚ୍ଚ କାଟ କରିବାକୁ ଚେଷ୍ଟା କରନ୍ତି, ତେବେ ଏହା ଦେଶ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ଯଦିଓ ସରକାର କହୁଛନ୍ତି ଯେ ପରିଚାଳନା ଘଚଉଓଖ ହାତରେ ରହିବ, କିନ୍ତୁ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଲେ ତାହାର ପରିଣାମ ଭୟାବହ ହେବ । ଦ୍ୱିତୀୟ ପ୍ରମୁଖ ସମସ୍ୟା ହେଉଛି 'ଦାୟବଦ୍ଧତା' ବା ଲାଏବିଲିଟି । ଭାରତର 'ସିଭିଲ୍ ଲାଏବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ, ୨୦୧୦' ଅନୁଯାୟୀ, ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ଯନ୍ତ୍ରପାତି ଯୋଗାଣକାରୀ କମ୍ପାନୀ ମଧ୍ୟ ଏଥିପାଇଁ ଦାୟୀ ରହିବେ । ବିଦେଶୀ ତଥା ଘରୋଇ କମ୍ପାନୀମାନେ ଏହି ଆଇନକୁ ନେଇ ଅସନ୍ତୁଷ୍ଟ ଅଛନ୍ତି ଏବଂ ଏଥିରେ କୋହଳ ମନୋଭାବ ଆଶା କରୁଛନ୍ତି । ଯଦି ଘରୋଇକରଣକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏହି ଆଇନକୁ ଦୁର୍ବଳ କରନ୍ତି, ତେବେ ଦୁର୍ଘଟଣା ସମୟରେ କ୍ଷତିଗ୍ରସ୍ତ ସାଧାରଣ ଜନତା ଉପଯୁକ୍ତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ । ଭୋପାଳ ଗ୍ୟାସ ଦୁର୍ଘଟଣାର ତିକ୍ତ ଅନୁଭୂତି ଆମ ପାଖରେ ରହିଛି, ତେଣୁ ଦାୟବଦ୍ଧତା ଆଇନରେ କୌଣସି ବୁଝାମଣା ଗ୍ରହଣୀୟ ନୁହେଁ । ଏହା ଛଡା ପରମାଣୁ ବର୍ଜ୍ୟବସ୍ତୁ ପରିଚାଳନା (Nuclear Waste Management) ଏକ ଜଟିଳ ପ୍ରକ୍ରିୟା । ପରମାଣୁ ରିଆକ୍ଟରରୁ ବାହାରୁଥିବା ବର୍ଜ୍ୟବସ୍ତୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ବିକିରଣଯୁକ୍ତ ରହିଥାଏ। ଘରୋଇ କମ୍ପାନୀମାନେ ଏହି ଦୀର୍ଘମିଆଦି ଦାୟିତ୍ୱ ବହନ କରିବାକୁ ଆଗ୍ରହୀ ହେବେ କି ? ନା ଶେଷରେ ଏହି ବୋଝ ପୁଣି ସରକାର ଏବଂ କରଦାତାଙ୍କ ମୁଣ୍ଡକୁ ଆସିବ ? ଏହା ଏକ ବଡ଼ ପ୍ରଶ୍ନବାଚୀ । ଏହା ବ୍ୟତୀତ, ପରମାଣୁ ପ୍ରଯୁକ୍ତିବିଦ୍ୟା ଦ୍ୱୈତ ବ୍ୟବହାର ଯୋଗ୍ୟ । ଏହାର ବ୍ୟବହାର ବିଦ୍ୟୁତ ଉତ୍ପାଦନ ସହିତ ପରମାଣୁ ଅସ୍ତ୍ର ନିର୍ମାଣରେ ମଧ୍ୟ ହୋଇପାରେ । ଯଦିଓ ଇନ୍ଧନ ଚକ୍ର ସରକାରଙ୍କ ନିୟନ୍ତ୍ରଣରେ ରହିବ, ତଥାପି ଏହି କ୍ଷେତ୍ରରେ ବେସରକାରୀ ସଂସ୍ଥାର ଅନୁପ୍ରବେଶ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କାକୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇନପାରେ ।

ଆର୍ଥିକ ଦୃଷ୍ଟିକୋଣରୁ ଦେଖିଲେ ମଧ୍ୟ କିଛି ପ୍ରଶ୍ନ ଉଠେ । ପରମାଣୁ ବିଦ୍ୟୁତ ସାଧାରଣତଃ ମହଙ୍ଗା ହୋଇଥାଏ । ବର୍ତ୍ତମାନ ସୌର ଶକ୍ତିର ମୂଲ୍ୟ ୟୁନିଟ୍ ପିଛା ୨-୩ ଟଙ୍କା ଥିବାବେଳେ, ନୂତନ ପରମାଣୁ କେନ୍ଦ୍ରରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୬-୭ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ହୋଇପାରେ । ଘରୋଇ କମ୍ପାନୀମାନେ ନିଜର ପୁଞ୍ଜି ଉପରେ ଅଧିକ ରିଟର୍ଣ୍ଣ ଆଶା କରିବେ, ଯାହା ଫଳରେ ବିଦ୍ୟୁତ ଦର ଆହୁରି ବୃଦ୍ଧି ପାଇପାରେ। ଏହା ସାଧାରଣ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ବୋଝ ପକାଇବ । ଆମେରିକା ଭଳି ବିକଶିତ ଦେଶରେ ମଧ୍ୟ ଘରୋଇ ପରମାଣୁ ଶିଳ୍ପ ସଂଘର୍ଷ କରୁଛି । ସେଠାରେ 'ୱେଷ୍ଟିଂହାଉସ୍' ଭଳି ବିଶାଳ ପରମାଣୁ କମ୍ପାନୀ ଦେବାଳିଆ ହେବାର ନଜିର ରହିଛି । ତେଣୁ ଘରୋଇକରଣ ଯେ ସବୁ ସମସ୍ୟାର ସମାଧାନ କରିଦେବ, ଏହି ଧାରଣା ଭୁଲ୍ ।

ଏହି ସମସ୍ତ ଦିଗକୁ ବିଚାର କଲେ ଏହା ସ୍ପଷ୍ଟ ହୁଏ ଯେ, ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ଏକ ଆବଶ୍ୟକତା ହୋଇପାରେ, କିନ୍ତୁ ଏହାକୁ ଅନ୍ଧ ଭାବରେ ଗ୍ରହଣ କରାଯାଇନପାରେ । ଏଥିପାଇଁ ଏକ ସୁଦୃଢ଼ ନିୟାମକ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଭାରତର ପରମାଣୁ ଶକ୍ତି ନିୟାମକ ବୋର୍ଡ (AERB)କୁ ସମ୍ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରାଯିବା ଉଚିତ୍, ଯାହା ଦ୍ୱାରା ସେ କୌଣସି ଚାପର ବଶବର୍ତ୍ତୀ ନହୋଇ ସୁରକ୍ଷା ମାନଦଣ୍ଡର କଡାକଡି ଯାଞ୍ଚ କରିପାରିବେ । ଏକ 'ଲକ୍ଷ୍ମଣ ରେଖା' ଟାଣିବାକୁ ପଡିବ ଯେଉଁଠାରେ ଘରୋଇ କ୍ଷେତ୍ରର ଭୂମିକା କେବଳ ଆର୍ଥିକ ନିବେଶ ଏବଂ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ରହିବ, କିନ୍ତୁ ମୂଳ ପରିଚାଳନା ଏବଂ ନିରାପତ୍ତା ସମ୍ପୂର୍ଣ୍ଣ ଭାବେ ରାଷ୍ଟ୍ରର ନିୟନ୍ତ୍ରଣରେ ରହିବ ।

ପରିଶେଷରେ, ପରମାଣୁ ଶକ୍ତିର ଘରୋଇକରଣ ଏକ ଦୁଇଧାରୀ ତରବାରୀ ସଦୃଶ । ଯଦି ଏହାକୁ ସଠିକ୍ ଭାବରେ ପରିଚାଳନା କରାଯାଏ, ତେବେ ଏହା ଭାରତର ଶକ୍ତି ସ୍ୱାଧୀନତା ଏବଂ ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ହାସଲରେ ଏକ ଗେମ୍ ଚେଞ୍ଜର ହୋଇପାରିବ। କିନ୍ତୁ ଯଦି ନିୟନ୍ତ୍ରଣ ବ୍ୟବସ୍ଥା ଦୁର୍ବଳ ରୁହେ ଏବଂ ବ୍ୟବସାୟିକ ଲାଭକୁ ଜନସାଧାରଣଙ୍କ ସୁରକ୍ଷା ଠାରୁ ଅଧିକ ଗୁରୁତ୍ୱ ଦିଆଯାଏ, ତେବେ ଏହାର ପରିଣାମ ଆମ ଭବିଷ୍ୟତ ପିଢ଼ି ପାଇଁ ଅଭିଶାପ ପାଲଟିଯିବ । ତେଣୁ ସରକାର ଏହି ଦିଗରେ ଅଗ୍ରସର ହେବା ପୂର୍ବରୁ ସଂସଦରେ ବିସ୍ତୃତ ଆଲୋଚନା, ବିଶେଷଜ୍ଞଙ୍କ ପରାମର୍ଶ ଏବଂ ଏକ ସ୍ୱଚ୍ଛ ନୀତି ପ୍ରଣୟନ କରିବା ଏକାନ୍ତ ଆବଶ୍ୟକ । ବିକାଶର ନିଶାରେ ଆମେ ଯେପରି ବିନାଶକୁ ନିମନ୍ତ୍ରଣ ନକରୁ, ତାହା ହିଁ ଆଜିର ସବୁଠାରୁ ବଡ଼ ସତର୍କ ଘଣ୍ଟି ।



# ଅବସର ପ୍ରାପ୍ତ ଅଧ୍ୟାପକ ନିଯୁକ୍ତ କେତେ ଯୁକ୍ତିଯୁକ୍ତ

**ଶ୍ରୀବତ୍ସ ନାୟକ**

ଫେରିବେ ଅବସରପ୍ରାପ୍ତ ଶିକ୍ଷକ । ଧରିବେ ଚକ୍ ଓ ଉପସ୍ଥାନ । କରିବେ ଶିକ୍ଷାଦାନ । ଏହି ଭଳି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଓଡିଶା ସରକାର, ଉଚ୍ଚଶିକ୍ଷା ବିଭାଗରେ ଅବସର ପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି । ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ ପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନ ପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ । କେବଳ ସେତିକି ନୁହେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ନିଯକ୍ତି ଦେବା ସହ ଶିକ୍ଷାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ ଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘ ଦିନଧରି ଧରି ଖାଲି ପଡିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ । ଏହା ନିଶ୍ଚିତଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଆଗାମୀ ଦିନରେ ଏହା କେତେ ଫଳପ୍ରଦ ହେବ ତାହା ସମୟ କହିବ ।

ରାଜ୍ୟରେ ଅଧ୍ୟାପକ ମରୁଡି । ପାଖାପାଖି ୬ ହଜାର ଅଧ୍ୟାପକ ପଦବୀ ଖାଲି ଯୋଗୁଁ ଉଚ୍ଚ ଶିକ୍ଷାରେ ସୃଷ୍ଟିହେଲାଣି ଅଚଳାବସ୍ଥା । ଏହିଭଳି ବିକଳ ସ୍ଥିତିର ମୁକାବିଲା ପାଇଁ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ଅତିଥି ଅଧ୍ୟାପକ ଭାବେ ଠିକାରେ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ସରକାର ।

ଉଚ୍ଚଶିକ୍ଷା ବିଭାଗର ପତ୍ର ସଂଖ୍ୟା ୫୭୧୯୮ ତା ୨୩.୧୦ ୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ । ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କଣ ରହିବ ? ତା ବି ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତି କମରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତାଠୁ କମ୍ ହୁଏ ତାହାଲେ ପାରିଶ୍ରମିକରୁ ମାଇନସ୍ ହେବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଗାଇଡଲାଇନସରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର କାଜୁଆଲ୍ ଲିଭ୍ ବା ଉଖ ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ। ସେପଟେ ଚଳିତ ମାସ ୩୧ ତାରିଖ ସୁଦ୍ଧା **HIMS (Higher education information management system)** ପୋର୍ଟାଲରେ ତାଲିକା ପ୍ରଦାନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ଅବସର ନେଇ ସୁପ୍ତ ଅବସ୍ଥାରେ ଥିବା ଅଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେଇ ତାଙ୍କୁ ଜାଗ୍ରତ କରିଛନ୍ତି ଓଡିଶା ସରକାର।

ଅବସରମାନଙ୍କୁ ପୁନଃ ନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ । କହିବା ବାହୁଲ୍ୟ ଯେ ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ । ବିପଥଗାମୀ ସମାଜକୁ ସଜାଡିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ । ଜୀବନର ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଶିକ୍ଷକଟିଏ ଶିକ୍ଷାଦାନରେ ବ୍ରତୀ ଥାଏ । କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥାନ୍ତି । ଏଠି ପ୍ରଶ୍ନ ଉଠୁଛି ଯାହାକୁ ସରକାର ଶାରୀରିକ ଭାବେ ଅକ୍ଷମ ବୋଲି ବୃତ୍ତିରୁ ନିବୃତ କଲେ ସେମାନଙ୍କୁ ପୁନଃ ନିଯୁକ୍ତି କେମିତି ଦେବେ ? ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି ? ଜଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ ? ଅବସର ମାନେ ଜଦି ପାଠ ପଢେଇବାକୁ ସକ୍ଷମ ତାହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି ?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଯାହାର ବୟସ ସୀମା ୬୦ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ ଅର୍ଥାତ୍ ସରଳ ଭବରେ ବୁଝିଲେ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିପାରିବେ ନାହିଁ ! ଫଳରେ ନୂଆ ନିଯୁକ୍ତି ପ୍ରକ୍ରିୟା ଏକ ପ୍ରକାର ଠପ୍ ହୋଇଯିବ । ବେକାରୀ ସମସ୍ୟା ଉତ୍କଟ ହେବ । ଓଡିଶା ରାଜ୍ୟ **employment exchange**ର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮,୬୭୮ ଜଣ ସ୍ନାତକୋତ୍ତର ପିଲା ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି । ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି । ଚାକିରୀ ନ ପାଇ ଆଶାୟୀମାନେ ଘୋର ମାନସିକ ଦୁଶ୍ଚିନ୍ତା ଭିତରେ କାଳାତିପାତ କରିବେ । ତାହା ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି ଯାହା ସାର୍ବଜନୀନ ହେବା ନିହାତି ଜରୁରୀ ।

ଅତୀତକୁ ଦେଖିଲେ ୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ସରକାର, ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ । ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେ ଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶୀକାର ହୋଇ ତିନି ଦଶନ୍ଧିରୁ ଊର୍ଦ୍ଧ ଧରି ଶିକ୍ଷା ଦାନ କରିଥିବା ଅନେକ ଶିକ୍ଷକ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି । ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରୀ ସର୍ତ୍ତାବଳୀ ମିଳିଲା ନାହିଁ । ସରକାରୀ ଚାକିରୀର କୌଣସି ସୁବିଧା ସେମାନେ ପାଇଲେ ନାହିଁ । ପ୍ରୋମୋସନ ଓ ପେନସନ୍ ସହିତ ଚାକିରୀ ସର୍ତ୍ତାବଳୀ ନିମନ୍ତେ ସରକାରଙ୍କୁ ଗୁହାରୀ କଲେ ମଧ୍ୟ ସରକାର ଏହାକୁ ପ୍ରତ୍ୟାଖାନ କଲେ । ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍ଣ ଓ ଭବିଷ୍ୟତ ଅନ୍ଧକାରମୟ । ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ । ଏ କ୍ଷେତ୍ରରେ ପୂର୍ବ ସରକାରଙ୍କ ତ୍ରୁଟି ବିଚ୍ୟୁତି ସଂଶୋଧନ ପୂର୍ବକ ତୁରନ୍ତ ସଂସ୍କାର ପଲିସି ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃ ନିଯୁକ୍ତି କେତେ ଯୁକ୍ତିଯୁକ୍ତ ! ହଁ, ଅବସର ପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ, ଏବଂ ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି ସେଥି ନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା । କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ । ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚିନ !

ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ । ଯେଉଁମାନେ ବାର୍ଦ୍ଧକ୍ୟ ଜନିତ କାରଣର ଅବସର ନେଲେ ସେମାନେ ଯୁବ ସୁଲଭ ଶୈଳୀରେ କେବେ ବି ଶିକ୍ଷାଦାନ କରିପାରିବେ ନାହିଁ । ଅନ୍ୟପକ୍ଷରେ ଦେଖିଲେ

କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ ! ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗପଯୋଗୀ ସଂସ୍କାର ମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି । ନୂତନ ପିଢିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା । ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରୀ ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ । ସରକାର ଅନ୍ତତଃ ପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ନିକ୍ଷେପ କରିବାର ଥିଲା ।

ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକ ମାନଙ୍କର ଜାତିଭେଦ । ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି ।

ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥାନ୍ତି । ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକ ମାନେ ହୀନ ମାନସିକତାର ଶିକାର ହେଉଛନ୍ତି । ଏଥି ପାଇଁ ଅଧ୍ୟାପକ ମାନେ ବାରମ୍ବାର ଗୁହାରୀ କରୁଛନ୍ତି ହେଲେ ଫଳ ଶୂନ୍ୟ । ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥାନ୍ତି ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡିଥାଏ । ଯେଉଁ ଅଧ୍ୟାପକ ମାନେ ବେତନ ଦାବୀ କରୁଛନ୍ତି ତାଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସର ପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା, ତେଲିଆ ମୁଣ୍ଡରେ ତେଲ ସଦୃଶ ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ ଓ ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ଏହା ଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନାର ଉଲ୍ଲଂଘନ ହୋଇଥାଏ । ଭାରତର ପୁନଃ ନିର୍ମାଣର ସ୍ୱପ୍ନ ଦେଖୁଥିବା ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି । ଶିକ୍ଷା ପ୍ରଶାସନ ଶିକ୍ଷାବିତ୍ ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ । ଜାତୀୟ ଶିକ୍ଷା ନିତୀ ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା,ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡିଶା ସରକାର କେଉଁଭଳି ପରିସ୍ଥିତିରେ ଆଉଟ ଡେଟେଡ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି । ଯୁବ ଶକ୍ତି ରାଷ୍ଟ୍ର ଶକ୍ତି । ଯୁବକ ମାନଙ୍କୁ ବେକାର ରଖି ବୃଦ୍ଧମାନଙ୍କୁ ପୁନଃ ନିଯୁକ୍ତି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି ନଚେତ୍ ଶିକ୍ଷା ବ୍ୟବସ୍ଥାର ଅଭିଳଷିତ ଔଜଲ୍ୟ ଓ ସ୍ୱପ୍ନ ଅଚିରେ ନିର୍ବାପିତ ହୋଇଯିବା ଅବଧାରିତ ।

ଅଧ୍ୟାପକ, ବାଣିଜ୍ୟ ବିଭଗ



# ଓଡ଼ିଆ ବାବୁମାନେ ଦେଶକୁ ଚଳାଉଛନ୍ତି

**ସୁବ୍ରତ କର**

ଗୋଟାଏ ସମୟ ଥିଲା ଦେଶକୁ ଗୁଜରାଟି, ବଙ୍ଗାଳି ମହାରଷ୍ଟ୍ରିଆନ, ପଞ୍ଜାବି ଏବଂ ମାନ୍ଦ୍ରାଜ ବାବୁମାନେ ଦିଲ୍ଲୀରେ ରହି ଦେଶକୁ ଚଳାଉଥିଲେ । ଆମ ରାଜ୍ୟର ବାବୁମାନଙ୍କୁ ଦିଲ୍ଲୀରେ ଖୋଜି ବାହାର କରିବା କଷ୍ଟକର ବ୍ୟାପାର ହେଉଥିଲା । ଏବେ କିନ୍ତୁ ଓଡ଼ିଆ ବାବୁମାନେ ଦିଲ୍ଲୀରେ ରାଜ କରୁଛନ୍ତି । ସବୁ ଟାଣୁଆ ଜାଗାରେ ଓଡ଼ିଆ ବାବୁମାନେ ରହି ଅତି ସମ୍ମାନର ସହିତ ନିଜ ନିଜ ପଦବୀରେ ରହି ଅତି ସୁରଖୁରରେ ଦେଶ ଚଳାଉଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କର ପ୍ରତି ଭାଷଣରେ ବା 'ମନ୍ କି ବାତ୍'ରେ ଦେଶରେ ହେଉ ବା ବିଦେଶରେ ନିଶ୍ଚିତ ଆମ ରାଜ୍ୟର ପ୍ରଥମ ଗୁରୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରତି ଓଡ଼ିଶାର ଥିବ । ଏହା ସଦାବେଳେ ଶ୍ରୀ ଜଗନ୍ନାଥ ଏବଂ ସାଢ଼େ ଚାରିକୋଟି ଓଡ଼ିଆଙ୍କ ସ୍ୱାଭିମାନକୁ ବୁଝାଇଥାଏ ।

ଏବେ ଦେଖିବା ଆମ ରାଜ୍ୟର କେଉଁ କେଉଁ ବରପୁତ୍ର ମାନେ ଦିଲ୍ଲୀରେ ବସି ଦେଶକୁ ଚଳାଉଛନ୍ତି । ନିଶ୍ଚିତ ଭାବରେ ପ୍ରଥମ ନାଁ ଆସିବ ଆମର ଅତି ପ୍ରିୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ (ପ୍ରଥମ ଓଡ଼ିଶାରୁ) ପ୍ରଥମ ହେଲା ବେଳେ ବହୁତ ଲୋକ ବହୁତ କିଛି କହିବାର ଛାଡ଼ି ନାହାନ୍ତି କିନ୍ତୁ ଏବେ ଆମ ମହାମହିମ ପ୍ରମାଣ କରିସାରିଛନ୍ତି ଯେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କଠୁ କିଛି କମ୍ ନୁହଁନ୍ତି । ଏହା ପରେ ଦେଶର ଶିକ୍ଷାମନ୍ତ୍ରୀ, ଷ୍କିଲ୍ ଡେଭଲପମେଣ୍ଟ, ଏଣ୍ଟରପ୍ରେନାରସିପ ଏବଂ ରେଲୱେ, କମ୍ୟୁନିକେସନ, ଆଇଟି, ଇଲେକ୍ଟ୍ରୋନିକ୍ସ ଏବଂ ଟ୍ରାଇବ୍ୟାର ବିଭାଗର ଦାୟିତ୍ୱରେ ଥିବା ମନ୍ତ୍ରୀମାନେ । ଏବେ ଆସିବା ଓଡ଼ିଶା ବାବୁମାନେ ଆଉ କେଉଁଠି ସବୁ ଅଛନ୍ତି । ଆର.ବି.ଆଇ ଗର୍ଭର୍ଣ୍ଣର, ସି.ଏ.ଜିର ମୁଖ୍ୟ, ଏନ.ସି.ବିର ମୁଖ୍ୟ, ପାଣିପାଗ ବିଭାଗର ମୁଖ୍ୟ, ଆଇ.ଓ.ସି.ଏଲର ନିର୍ଦ୍ଦେଶକ, ଏନ୍‌ଡିଆରଏଫର ମୁଖ୍ୟ ଏମାନେ ସମସ୍ତେ ଆମ ରାଜ୍ୟର ଏବଂ ଓଡ଼ିଆ, ଆହୁରି ବଡ଼ କଥା ହେଲା ଆମର ଓଡ଼ିଆ ଲୋକ ଶ୍ରୀ ପ୍ରମୋଦ ମିଶ୍ର ସେ ଏବେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବରେ ଦାୟିତ୍ୱ ତୁଲାଉଛନ୍ତି । ଦେଶର ପ୍ରଶାସନର ସବୁ କ୍ଷେତ୍ରରେ ଓଡ଼ିଆଙ୍କ ଛାପ ଦେଖିବାକୁ ମିଳୁଛି । ସ୍ୱାଧୀନତାର ୭୯ ବର୍ଷ ଭିତରେ ଓଡ଼ିଆ ଭାଇମାନେ ଏତେ ଗୁଡ଼ାଏ ପଦ ପଦବୀରେ କେବେ

> ଆମ ରାଜ୍ୟର କେଉଁ କେଉଁ ବରପୁତ୍ର ମାନେ ଦିଲ୍ଲୀରେ ବସି ଦେଶକୁ ଚଳାଉଛନ୍ତି । ନିଶ୍ଚିତ ଭାବରେ ପ୍ରଥମ ନାଁ ଆସିବ ଆମର ଅତି ପ୍ରିୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ (ପ୍ରଥମ ଓଡ଼ିଶାରୁ) ପ୍ରଥମ ହେଲା ବେଳେ ବହୁତ ଲୋକ ବହୁତ କିଛି କହିବାର ଛାଡ଼ି ନାହାନ୍ତି କିନ୍ତୁ ଏବେ ଆମ ମହାମହିମ ପ୍ରମାଣ କରିସାରିଛନ୍ତି ଯେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କଠୁ କିଛି କମ୍ ନୁହଁନ୍ତି ।

ହେଲେ ରହି ନଥିଲେ ଏବଂ ଏମାନଙ୍କୁ କେହି ଚେହେରା ଦେଖେଇ ବସେଇ ନାହାନ୍ତି । ସମସ୍ତେ ତାଙ୍କର ଦକ୍ଷତା ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇ ପଦବୀରେ ରହିଛନ୍ତି ଏବଂ ପ୍ରତି ମୁହୂର୍ତ୍ତରେ ସେମାନେ ତାଙ୍କର ଯୋଗ୍ୟତାକୁ ପ୍ରମାଣ ମଧ୍ୟ କରୁଛନ୍ତି । ସମୟ ଥିଲା ଓଡ଼ିଶାକୁ ବା ଓଡ଼ିଆ ଲୋକଙ୍କ ମର୍ଯ୍ୟାଦାକୁ ଦିଲ୍ଲୀ ଦରବାରରେ ପ୍ରମାଣ କରିବାକୁ ପଡୁଥିଲା କିନ୍ତୁ ଏବେ ଓଡ଼ିଆ ଅଫିସର ମାନେ ଅନ୍ୟ ରାଜ୍ୟର ଅଫିସରଙ୍କଠୁ କୌଣସି ଗୁଣରେ କମ୍ ନୁହଁନ୍ତି । ଏହାହିଁ ଆମର ସ୍ୱାଭିମାନ ଏବଂ ଏହା ହିଁ ଆମର ଅସ୍ମିତା । ଏହିମାନେ ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କ ଗର୍ବ ଏବଂ ଗୌରବ । ନିଶ୍ଚିତ ଭାବରେ ଏହିଭଳି ଓଡ଼ିଶା ଆଗକୁ ମାଡ଼ି ଚାଲିବ ଏବଂ ଦେଶ ଆମକୁ ଅନେଇ ରହିବ ।

+ବାଲେଶ୍ୱର






## ଘୋଡଲାଗି ବେଶ...

**ରାମଚନ୍ଦ୍ର ବେହେରା**

ପୂଣ୍ୟ ମାର୍ଗଶୀରେ ଶୀତଳ ପବନ
ଉତ୍ତର ଦିଗରୁ ବହେ
ଶୀତମୁକ୍ତି ପାଇଁ ସଭିଂକ ଦେହରେ
ଗରମ ପୋଷାକ ଶୋହେ
ଶୀତ ଉପସମ ପାଇଁ
ଘୋଡଲାଗି ବେଶ ହୁଏ ସାଆନ୍ତଂକ
ସେବା ରୀତି ଅନୁଯାୟୀ।
ମାର୍ଗଶୀର ମାସ ଶୁକଳ ଷଷ୍ଠୀରୁ
ବସନ୍ତ ପଂଚମୀ ଯାଏ
କଳାଶ୍ରୀମୁଖଂକ ଘୋଡଲାଗି ବେଶ
ସଭିଂକ ମନକୁ ମୋହେ
ରତ୍ନ ସିଂହାସନେ ବସି
ମାନବୀୟ ଲୀଳା କରନ୍ତି କାଳିଆ
ମୁରୁକି ମୁରିକି ହସି।
ମଖମଲ ସୂତା କନାରେ ବନଇ
ପ୍ରଭୁଂକ ଘୋଡ ବସନ
ସନ୍ଧ୍ୟାରୁ ସକାଳ ଶୀତ ଥିବାଯାଏ
ପିନ୍ଧନ୍ତି ଜଗମୋହନ
ଅପୂର୍ବ ସେହି ଦର୍ଶନ
ସେ ବେଶକୁ ଯିଏ ପ୍ରତ୍ୟକ୍ଷ ଦେଖଇ
ମିଳିଥାଏ କୋଟି ପୂଣ୍ୟ।
ରବି ଲାଲ ରଂଗ ସୋମ ଧଳାକଳା
ପଂଚରଂଗ ମଂଗଳରେ
ବୁଧବାରେ ନୀଳ ଗୁରୁବାରେ ପୀତ
ଶ୍ୱେତବର୍ଣ୍ଣ ଶୁକ୍ରବାରେ
ଶନିବାର ବସ୍ତ୍ର କଳା
ଦୀର୍ଘ ଦୁଇମାସ ଏ ବେଶେ ରୁହନ୍ତି
ଗୋପପୁର ନନ୍ଦବଳା।
ସାଧାରଣ ବସ୍ତ୍ର ଧାରଣ କରନ୍ତି
ପ୍ରଭୁ ଦିନ ସମୟରେ
ସକାଳ ମଧ୍ୟାହ୍ନ ସନ୍ଧ୍ୟାକାଳ ନୀତି
ହୁଏ ବିଧି ଅନୁସାରେ
ହୁଏ ଭକ୍ତ ସମାଗମ
ଘୋଡଲାଗି ବେଶ ଦରଶନ ଆଶେ
ହସିଉଠେ ପୁରୀ ଧାମ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଏଡସ ଦିବସ

**ଅସୀମା ପ୍ରଧାନ**

ଡିସେମ୍ବର୍ ଏକ ଏଡ଼ସ ଦିବସ
ଜାଣିଲେ ଜିଣିବା ସକଳ ତ କ୍ଲେଶ ॥

ସଚେତନତା ହିଁ ଏକମାତ୍ର ପଥ
ନ ହେଲେ ଅଟକିବ ଜୀବନ ରଥ ॥

ସଂକ୍ରମଣ ହେଲେ ସବୁ ହେବ ଶେଷ
ନ ଥିବ ତ ଆଉ ଜୀବନର ଆଶ ॥

ଅଶୋଧିତ ରକ୍ତ ଅସଂଯତ ବାସ
ଭୂତାଣୁକୁ କରେ ଦେହରେ ପ୍ରବେଶ ॥

ମୁଣ୍ଡବ୍ୟଥା ରୋଗ ମାସ ମାସ ଜ୍ୱର
ଲାଗି ରହି ତ କ୍ଷୀଣ ହୁଏ ଶରୀର ॥

ପୁରୁଷ ତୁଳନାରେ ନାରୀ ଅଧିକ
ସଂକ୍ରମିତ ହୁଅନ୍ତି ପରା ଶ୍ରମିକ ॥

ଜୀବନର ବ୍ରତ ଅଟେ ସଂଯମତା
ଜଗି ଚଳିଲେ ହେବା ଜଗତଜିତା ॥

ନିଜେ ଶିଖି ତ ଅନ୍ୟକୁ ଶିଖାଇବା
ସୁସ୍ଥ ରହି ସୁସ୍ଥ ଓଡ଼ିଶା ଗଢ଼ିବା ॥

ରୋଗୀକୁ ନୁହେଁ ରୋଗକୁ ତ ଦୂରାଅ
ହାତକୁ ହାତ ଦେଇ ଏଡସ୍ ହଟାଅ ॥

ବୀରମହାରାଜପୁର
ସୁବର୍ଣ୍ଣପୁର

କାହ୍ନୁ ଚରଣ ସାହୁ


# ଜୀବନର ମୋଡ଼



ଶାନ୍ତ, ସରଳ ଓ ସ୍ୱଚ୍ଛ ମନର ପିଲାଟିଏ ସନ୍ଦୀପ । ସମୟର ଦୋଛକିରେ ଧାଇଁଧାଇଁ ଥକିଗଲାଣି ସତ ହେଲେ ହାରମାନିନି । ନିଜର ଦୃଢ଼ ସଂକଳ୍ପ ତାକୁ ପ୍ରତିଟି ପ୍ରତିବନ୍ଧର ଚକ୍ରବ୍ୟୁହକୁ ଭେଦ କରିବାରେ ସହାୟ ହେଉଥାଏ । ଦେଖୁଦେଖୁ ଗ୍ରାଜୁଏସନ୍ ସରି ପାଞ୍ଚ ବର୍ଷ ହେଇଗଲାଣି । କମ୍ପିଟିଟିଭ ଏକ୍ସଜାମ୍ ପାଇଁ ପ୍ରିପାରେସନ କରିବାରେ ଦିନର ତମାମ ସମୟ ଚାରିକାନ୍ଥ ଭିତରେ ସାରିଦିଏ । କେବେ କେଉଁ ଏକ୍ସଜାମ୍ ପୋଷ୍ଟପଣ୍ଡ ହୁଏତ ଆଉ କେଉଁଟା ତାରିଖ ବଦଳି ଚାଲିଥାଏ । ମାନସିକ ଚାପ ସାଥିରେ ଲୋକଙ୍କ ବେଫଜୁଲ ଗପ ଛାତିକୁ ପଥର ସଜାଉଥାଏ । ବଳି ପଡିଥିବା ବାକିତକ ସମୟ ଘରର ସୁଖ, ଦୁଃଖ ଆଉ ଟ୍ୟୁସନରେ ସାରିଯାଏ । ମନରେ ଅନେକ ଅସୁମାରୀ ସ୍ୱପ୍ନ ଦଣ୍ଡାୟମାନ କିନ୍ତୁ ଏହାଯେ ଚାକିରୀ ଖଣ୍ଡେ ପୂରଣ କରିପାରିବ ତାହା ମଧ ଠିକ ସେ ବୁଝି ସାରିଛି ସନ୍ଦୀପ ।

ସକାଳୁ ସକାଳୁ ସନ୍ଦୀପ ବାହାରି ପଡ଼ିଲା ଇଣ୍ଟରଭ୍ୟୁ ଦେବା ପାଇଁ । ବସ୍ ଛଅଟାରେ ଅଛି । ଯାହା ହେଉ, କୋଡିଏ ମିନିଟ ଆଗରୁ ପହଁଚି ଯାଇଛି । ବସ୍ ଷ୍ଟାଣ୍ଡରେ ପହଁଚି ଆରାମରେ ବସି ପଡେ ।

ଜିଲ୍ଲାର ଗୋଟେ ନାମୀଦାମୀ ପ୍ରାଇଭେଟ କମ୍ପାନୀଟେ । ଘରଠୁ ପ୍ରାୟ ସତୁରୀ କିମି ବାଟ ହେବ । ମନରେ ଗୋଟେ ଆଶା ଥାଏ, ଫିକା ପଡ଼ିଯାଇ ଥିବା ଘର ରଙ୍ଗୀନ ହେବ । ଏଥର ଘରକୁ ନୂଆ ବାଇକଟେ ଆଣିବ । ସାଙ୍ଗସାଥି ସମସ୍ତେ ବାଇକ, କାର୍ ଚଢ଼ିଲା ବେଳକୁ ସାଇକେଲରେ ଯିବା ଆସିବା ଭାରି କଷ୍ଟ ଅନୁଭବ ହୁଏ । ଏଥର କିନ୍ତୁ ଅଳ୍ପ ଦାମିଆ ହେଲେ ବି ନିଜସ୍ୱ ଗୋଟେ ବାଇକ ଥିବ ନିହାତି । ମନେମନେ ଭାବୁଥାଏ ସନ୍ଦୀପ, ଜରୁରୀ ବେଳେ ଯାକୁ ତାକୁ କଲ୍ କରି ନଥିଲା କଥା ଶୁଣିବାରୁ ତ୍ରାହି ତ ମିଳିବ । ଯେତେବେଳେ ଚାହିଁବ ମାର୍କେଟ୍ ପଟେ ଘେରାଏ ବୁଲି ଆସିବ । ନୂଆ ଜାଗା ନୂଆ ପରିବେଶ ସହ ଦରମା ମଧ ମୋଟା ଅଙ୍କର । ଆର୍ଥିକ ଅବସ୍ଥାରୁ ମୁକୁଳିବା ଟିକେ ସହଜ ହେଇପାରେ । ଏମିତି ଅନେକ ପ୍ରକାର ଭାବନା ମନକୁ ଆସୁଥାଏ ।

ଠିକ୍ ସମୟରେ ବସ୍ ପହଞ୍ଚିଗଲା କମ୍ପାନୀର ମାର୍କେଟ୍ କମ୍ପ୍ଲେକ୍ସ ପାଖରେ । ବସ୍‌ରୁ ଓହ୍ଲେଇ ପୁଣି ଅଟୋ ଧରି ଦୁଇ କିମି ଯିବାକୁ ହେବ । ଆରମ୍ଭରେ ଗରମାଗରମ ଟିଫିନ ସାରିଦେଇ ବାହାରି ପଡ଼ିଲା ସନ୍ଦୀପ । ଯିବା ବାଟରେ ଅଟୋ ଡ୍ରାଇଭରର ମନଖୋଲା କଥା ଭାରି ମନକୁ ଛୁଇଁଲା, ମନେମନେ ବେଶ ଖୁସି ଆଉ ହାଲକା ଲାଗୁଥାଏ । ସେ ମଜାଳିଆ କଥା ଆଗରେ ମନର ଅକୁହା ଦରଦ କୁଆଡେ ଉଭେଇ ଗଲା ଜାଣି ହେଲାନି....? ଅଟୋ ଡ୍ରାଇଭରକୁ ପେମେଣ୍ଟ କରି କମ୍ପାନୀ ଭିତରୁ ପ୍ରବେଶ କଲା । ଏଚ.ଆର. ଙ୍କ ଚାମ୍ବର ବାହାରେ ବସିବା ଭିତରେ ଡକାଗଲା ଇଣ୍ଟରଭ୍ୟୁ ପାଇଁ । ଚାଳିଶ ମିନିଟର ଇଣ୍ଟରଭ୍ୟୁ ପରେ ଚାମ୍ବରରୁ ବାହାରି ଆସିଲା ସନ୍ଦୀପ । କିଛି ସମୟ ପରେ ଆସିଷ୍ଟାଣ୍ଟ ଆସି କହିଗଲେ, ଫଳାଫଳ ଆସନ୍ତାକାଲି ଆପଣଙ୍କୁ ଜଣେଇଦିଆ ଯିବ ।

ଖୁସି ମନରେ ଆଶା ବାନ୍ଧି ଫେରି ଆସିଲା ସନ୍ଦୀପ । ରାତିସାରା ସପନରେ ଘୁରି ବୁଲୁଥାଏ । କେତେ କ'ଣ ? ମନେମନେ ଭାବୁଥାଏ । ବେଳେବେଳେ ଠାକୁରଙ୍କୁ ମଧ ଗୁହାରୀ କରୁଥାଏ, ହେ ପ୍ରଭୁ ଜବ୍ ହେଇଗଲେ ନଡ଼ିଆ ତିନିଟି ଆପଣଙ୍କ ପାଖକୁ ନେଇକିଯିବି.... । ସକାଳୁ ଉଠି ନିତ୍ୟକର୍ମ ସାରି ଘରକାମରେ ବ୍ୟସ୍ତଥିବା ବେଳେ ମୋବାଇଲ୍ ରିଙ୍ଗ ହେବାକୁ ଲାଗିଲା । ତରବରରେ ଯାଇ ନୂଆ ନମ୍ବର୍ ଦେଖି ରିସିଭ୍ କରିପକାଏ । ଆରପଟୁ ଶୁଣାଯାଏ, 'ଆପଣ ସନ୍ଦୀପ ସାର୍ କହୁଛନ୍ତି କି ?', ଆଜ୍ଞା ହଁ ସନ୍ଦୀପ କହୁଛି । (ସେ-) କଙ୍ଗ୍ରାଚୁଲେସନ୍ ସାର, ଆପଣ ଆମ କମ୍ପାନୀ ପାଇଁ ସିଲେକ୍ଟ ହେଇଛନ୍ତି । ଆସନ୍ତାକାଲି ଆସି ଜଏନ୍ କରନ୍ତୁ । ଏକଥା ଶୁଣି ଦରଦୀ ମନରେ ହଠାତ ସ୍ନିଗ୍ଧ ମଳୟର ଦଲକାଏ ପବନ ଛୁଇଁବାର ଅନୁଭବ ହେଉଥାଏ । ଅନେକ ଦିନର ଆଶା ପୂରଣ ହେବାକୁ ଆଉ ଅଳ୍ପ ସମୟ ବାକି । ବେଶ୍, ଖୁସି ଜଣା ପଡୁଥାନ୍ତି ସନ୍ଦୀପ । ଠାକୁରଙ୍କୁ ଧନ୍ୟବାଦ ଦେଇ ଦିନଟି ସରିଗଲା ।

ନିତ୍ୟ କର୍ମ ସାରି ସକାଳୁ ବସଷ୍ଟାଣ୍ଡ ରେ ପହଞ୍ଚୁ ପହଞ୍ଚୁ ବସ ଆସି ଠିଆ । ଠେଲାପେଲାରେ ବସରେ ଚଢ଼ିଗଲା । କିଛି ସମୟ ଠିଆ ହେଇ ରହିବା ପରେ କେହିଜଣେ ପଛପଟୁ ଡାକିବାର ଶୁଣି ପଛକୁ ବୁଲିପଡ଼ି ଦେଖେ ତ ଭଦ୍ରବ୍ୟକ୍ତି ଜଣେ । ସମ୍ପର୍କରେ ମାମୁ ହେବେ । ଆଉ ପୁଣି କ୍ଲାସମେଟ ଅଦିତିଙ୍କ ବାପା । ବେଶ୍ ଭଲଲୋକ । ତାଙ୍କର ଜଣାଶୁଣା ଚାରିଆଡେ । ହେଲେ ବେଳେବେଳେ ପାଗରାଗ ଦେଖି ଏପରି କଥା କୁହନ୍ତିଯେ ଜୀବନ୍ ସାରା ଲିପିବଦ୍ଧ ହେଇ ରହିଯାଏ ମନର ଅଳିଭା ଚାଟଶାଳୀରେ । ତାଙ୍କ ପାଖରେ ଯାଇ ବସିପଡ଼େ । ଦୁହିଁଙ୍କ ସୁଖ ଦୁଃଖ ଭିତରେ ସେ ପଚାରନ୍ତି, ସନ୍ଦୀପ ଏବେ ତମେ କଣ କରୁଛ ? ତମେ ତ ବହୁତ ଭଲ ପଢୁଥିଲ । ଚାକିରୀ ହେଇଗଲା କି ? ଅଦିତି ଠୁ ଶୁଣୁଥିଲି ପ୍ରିପାରେସନରେ ଲାଗି ପଡିଛ ପୁରା !.....ଅନେକ ପ୍ରଶ୍ନର ଉତ୍ତର ନଥାଏ ସନ୍ଦୀପ ପାଖରେ ଯଦିବା କହିବ କଣ କହିବ ? ସେମିତି ପ୍ରିପାରେସନ ଚାଲିଛି ! ଘରେଅଛି....ନା ଆଉକିଛି ? ଯାହା ମନକୁ ଆସିଲା ସାହସର ସହ କହିଗଲା, ମାମୁ ଏଇ ପାଖରେ ଗୋଟେ କମ୍ପାନୀରେ ନୂଆକି ଜବ ଲାଗିଛି । ଜଏନ କରିବାକୁ ଆଜି ଡାକିଛନ୍ତି ଯାଉଛି ସେଥିପାଇଁ । ମାମୁ- ବହୁତ ବଢିଆ, ଯାହାହେଉ ଶୁଣିକି ଖୁସି ଲାଗିଲା । କାହା ଅପେକ୍ଷାରେ ଥିବା ଓଠରେ ସ୍ମିତହାସ୍ୟ ଦେଇ ସନ୍ଦୀପ ପଚାରିଲା, ମାମୁ ଅଦିତି ଏବେ କଣ କରୁଛି ? ଶୁଣୁଥିଲି ବାହାରେ ରହୁଛି । ମାମୁ- ହଁ, ଅଦିତି ବାହାରେ ରହୁଥିଲା । ଏବେ ଏଇ ପାଖ କମ୍ପାନୀରେ ଜବ ଲାଗିଛି । କମ୍ପାନୀର ଏମ ଡି ମୋର ଜଣେ ବନ୍ଧୁ ହେବେ, ତାଙ୍କ ସହ କଥା ହେଇଥିଲି । ଝିଅ ପିଲାଟା ପାଖରେ ରହିଲେ ଆମକୁ ଭୟନାହିଁ ।

ଅଦିତି ବିଷୟରେ ଶୁଣୁଶୁଣୁ ସନ୍ଦୀପର ହୃଦୟ କିଛି ଗୋଟେ ଗୋଳମାଳିଆ ହେଲା ପରି ଲାଗୁଥିଲା । ପ୍ରାୟ ଦୁଇବର୍ଷ ହେବ ଦେଖା ହେଇନି ଦୁହିଁଙ୍କ । ଲାଷ୍ଟ ଟାଇମ୍ ମନୁ ବାହାଘରେ ଦେଖା ହେଇଥିଲେ ଦୁହେଁ । ମନୁ ଅଦିତି ଆଉ ସନ୍ଦୀପର ପିଲାଦିନ ସାଙ୍ଗ । ଅଦିତି ଟିକେ ଜିଦି ଝିଅଟା, ଅଳ୍ପ ଅଳ୍ପ କଥାରେ ହଠାତ ରାଗିଯାଏ । ରାଗିବନି ବା କେମିତି ଯେ ? ରାଜ କୁମାରୀ ପରି ବଢିଛି, ବାପାମାଆଙ୍କ ଗୋଟିଏ ବୋଲି ଝିଅ, ସ୍ନେହ ପ୍ରେମ ଭଲପାଇବାର ଗୋଟେ ସେକେଣ୍ଡ ବି କମି କରନ୍ତିନି । ଯାହା ଚାହେଁ ତାହା ହାସଲ ନକରିବା ଯାଏଁ ଓହରେନି ଆଉ ପୁଣି କାହାକୁ ଡରିବା ଝିଅ ନୁହେଁ ।

ଗ୍ରାଜୁଏସନ ସମୟରେ ସନ୍ଦୀପ ଆଉ ଅଦିତିଙ୍କ ଦୋସ୍ତି ବହୁତ ଜମୁଥିଲା । ଦୁହେଁ ଦୁହିଁଙ୍କୁ ପସନ୍ଦ ମଧ କରୁଥିଲେ । ସନ୍ଦୀପ ସାଧାସିଧା ହେଲେ ବୁଦ୍ଧିମାନ, କଲେଜର ସବୁକାମରେ ତାର ଭୂମିକା ରହୁଥିଲା । ଏଣୁ କିଛି ବିପରୀତ ଧର୍ମୀ ଇର୍ଷା ମଧ କରୁଥିଲେ । ଆଉ କେହିକିଛି କହିଲେ ସାଙ୍ଗ ହିସାବରେ ଅଦିତିର ଅନର୍ଗଳ ଭାଷଣ ସ୍ତବ୍ଧ କରିଦିଏ ସମସ୍ତଙ୍କୁ । ଏମିତି ଗୋଟେ ଦିନ ଛୋଟିଆ କଥା କଟାକୁଟିରୁ ଦୁହିଁଙ୍କ ଭିତରେ ପ୍ରାୟତଃ ସବୁ ସମ୍ପର୍କ ଛିନ୍ନ । ହେଲେ ଶାଶ୍ୱତ ସମ୍ପର୍କ, ନିଃସ୍ୱାର୍ଥପର ଭଲ ପାଇବା ଯେତେ ଦୂରେ ଥିଲେବି, ଯେତେ ଝଗଡା ହେଲେବି ପୁଣିଥରେ ହସିବ, ମିଶିବ ଆଉ ନଦୀହେଇ ସାଗରରେ ପଡିବ । ସେହି ଅପୂର୍ବ ମୁହୂର୍ତ୍ତକୁ ସନ୍ଦୀପ ଅପେକ୍ଷା କରିଥାଏ । ଏମିତି ଭାବୁଭାବୁ ପହଞ୍ଚିଗଲା ଷ୍ଟେସନ । ମାମୁଙ୍କଠୁ ବିଦାୟ ନେଇ ବସ ରୁ ଓହ୍ଲେଇ ପଡିଲା ।

କମ୍ପାନୀର ମାର୍କେଟ ବସ ଷ୍ଟପରେ ପହଞ୍ଚି ସେଠୁ ବାହାରି ପଡିଲା ଆନନ୍ଦ, ଉଲ୍ଲାସରେ କମ୍ପାନୀ ମୁଖେ । ଅଫିସ ଭିତରକୁ ପସୁପସୁ ୱେଟିଙ୍ଗରୁମ୍‌କୁ ଧରିନିଅନ୍ତି ଆସିସଷ୍ଟାଣ୍ଟ । ଅଫିସ ଗାର୍ଲ ଆସି କୋଲ୍ଡଡ୍ରିଙ୍ଗସ୍ ଦେଇ ଯାଏ । କୋଲ୍ଡଡ୍ରିଙ୍ଗସ୍ ପିଇବା ସହ ଜୀବନକୁ ଅନୁଭବ କରୁଥାଏ ସନ୍ଦୀପ । କେତେଦିନ ପରେ ଭଲ କମ୍ପାନୀରେ ଜବ୍‌ଟେ ହେଇଚି । ନିଜ ହାତରେ ଘରର କିଛିଟା ପରିବର୍ତ୍ତନ ହେବ । ବାଇକ୍ ଆଣିଲା ପରେ ଯୁଆଡେ ଚାହିଁବ, ସ୍ୱଇଚ୍ଛାରେ ବୁଲିପାରିବ । ବାପା କଣ ଆଣିବାକୁ କହୁକହୁ ଟାଉନ ଯାଇ ଆଣି ପକେଇବ । ମାଆଙ୍କୁ ମନ୍ଦିର ନେଇଯିବ.....ଇତ୍ୟାଦି ଇତ୍ୟାଦି ।

କୋଲ୍ଡଡ୍ରିଙ୍ଗସ୍ ପିଇବା ନ ସରୁଣୁ ଆସିସଷ୍ଟାଣ୍ଟ ଆସି କହି ଯାଆନ୍ତି ଏଚ ଆର୍ ସାର୍‌ଙ୍କ ଚାମ୍ବର୍‌କୁ ଯିବାପାଇଁ । ସନ୍ଦୀପ ଚାମ୍ବର ଡୋରଖୋଲି କହେ, 'ମେ ଆଇ କମିଙ୍ଗ୍ ସାର' । ଏଚ.ଆର୍ ସାର, 'ୟେସ୍, କମିଙ୍ଗ୍', 'ପ୍ଲିଜ୍, ଟେକ୍ ଦିସ୍ ସିଟ୍' । ସନ୍ଦୀପ,'ଗୁଡ୍ ମର୍ଣ୍ଣିଙ୍ଗ୍ ସାର', 'ଥ୍ୟାଙ୍କ୍ ୟୁ ସାର' । ପ୍ରତି ଉତ୍ତରରେ ଏଚ.ଆର୍ ସାର୍ କୁହନ୍ତୁ.......ଆଉ ଏମିତି ଆଠ ଦଶ ମିନିଟ୍ ପାଇଁ ବର୍ତ୍ତାଳାପ ହୁଏ ଦୁହିଁଙ୍କ ଭିତରେ । ଅନେକ ପ୍ରଶଂସା କଲାପରେ ଏଚ ଆର୍ ସାର, ମନଙ୍କୁ କିଞ୍ଚିତ ଦୁଃଖରେ ପୂର୍ଣ୍ଣ କରି କୁହନ୍ତି, 'ଆଇ ଆମ୍ ରିଏଲି ସରି, ସନ୍ଦୀପ ସାର, ଦୁଃଖର ସହ କହିବାକୁ ପଡୁଛି ଆପଣଙ୍କୁ । ଆପଣଙ୍କ ପୋଷ୍ଟ ପାଇଁ ଆମ କମ୍ପାନୀର ଏମ.ଡି ସାର୍ ତାଙ୍କର ଜଣେ ରିଲେଟିଭ୍‌ଙ୍କ ଝିଅଙ୍କୁ ହାୟର୍ କରିଛନ୍ତି । ଆପଣଙ୍କ ପରି ଜଣେ ସଚ୍ଚୋଟ ଓ ଇଣ୍ଟେଲିଜେଣ୍ଟ ଷ୍ଟାଫ୍‌କୁ କମ୍ପାନୀ ହରେଇଛି ।',

ବାସ୍ ଆଉ କଣ ଶୁଣିବ ସନ୍ଦୀପ, ନା ଶୁଣିବାକୁ ଧୈର୍ଯ୍ୟ ଜୁଟେଇ ପାରୁନି । ସବୁ କ୍ଷେତ୍ରରେ କିଛି ଭୁଲ ନଥାଇ ବିଫଳତାକୁ ଭୋଗିବାଯେ କେତେ କଷ୍ଟ ଯିଏ ଭୋଗିଛି ସିଏ ହିଁ ଜାଣେ । ଜୀବନର ମୋଡ଼ ଅଚାନକ ବଦଳିବା ମନରେ ବିଭ୍ରାଟ ସୃଷ୍ଟି କରେ । ମନୋବଳକୁ ଭାଙ୍ଗିଚୁରମାର କରିଦିଏ । ଦେଖୁଦେଖୁ ଆଖି ସାମ୍ନାରେ କିଛି କ୍ଷଣ ମଧରେ ଜୀବନର ମୋଡ଼ ଅଚାନକ ବଦଳି ଗଲା । ସପନର ନଅରରେ ପହଁଚୁ ପହଁଚୁ ସପନର ଚୋରି ହେଇଗଲା । ଜୀବନର ମୋଡ କେତେବେଳେ ବି ଅଜାଣତେ ବଦଳିଯାଏ କଳନା କରିବା ଅସମ୍ଭବ । ଛାତିରୁ ଓହଳୁ ଥିବା ନିଜ ଆବେଗ ଗୁଡାକୁ ସମ୍ଭାଳିନେଇ ଭାବ ବିହ୍ୱଳରେ କହିବସେ, 'ଓକେ କାହ୍ନୁ ଚରଣ ସାର, ଯାହା ମୋ ଭାଗରେ ଥିବ ତାହା ହିଁ ହେବ, ଆପଣଙ୍କ ସହ ଦେଖାହେଇ ଖୁବ ଖୁସି ଲାଗିଲା ।' ଚାମ୍ବରରୁ ବିଦାୟ ନେଇ ଫେରି ଆସିଲା ସେଇ ଅତୀତର ପାନ୍ଥଶାଳାକୁ ।

ମନଦୁଃଖରେ ଘରକୁ ଫେରିବା ମନସ୍ତକଲା । ଅନେକ କିଛି ଭାବିବା ଭିତରେ ବସ ଭିତରର କଥା ମନେପଡେ, ଯାହା ଅଦିତି ବାପା କହୁଥିଲେ । ବୋଧେ ଯେଉଁ ଝିଅଟିକୁ ଏମ.ଡି ସାର୍ ହାୟର କରିଛନ୍ତି ହୁଏତ ସେ ଅଦିତି ହେଇପାରେ । ଅନ୍ୟ କଥାରେ ପଡି ଗୋଟେ ଛୋଟିଆ କଥାରେ ଜିଦି ଅଦିତି ତୁଟେଇ ଦେଇଛି ଶାଶ୍ୱତ ସମ୍ପର୍କ, ଆଉ ଏବେ..... । ଆଉକିଛି ନଭାବି ସନ୍ଦୀପ ଘରକୁ ଫେରିଗଲା । ପୁଣିଥରେ ହାର ନମାନି ଚାରିକାନ୍ଥ ଭିତରେ ନିଜକୁ ହଜେଇଦେଲା । ଏହାରି ଭିତରେ ଏସ.ଆଇ ଏକଜାମ ମଧ ଦେଲା । କେବଳ ରିଜଲ୍ଟ ଅପେକ୍ଷାରେ...ଆଗାମୀ ପ୍ରସ୍ତୁତି ଜାରି ରଖିଛି ।

କିଛିଦିନ ବିତିଗଲା । ମାଆଙ୍କ ଦେହ ଅସୁସ୍ଥତା କାରଣରୁ ମେଡ଼ିକାଲ ଯାଇଥାଏ ସନ୍ଦୀପ । ମେଡ଼ିକାଲ ଭିତରେ ଅଦିତି ବାପାଙ୍କୁ ଦେଖି ମନ ଭିତରଟା ଚମକି ଉଠିଲା । ତା ହାର୍ଟ ବିଟ ହଠାତ ବଢିଗଲା । ସତେ ଯେମିତି କିଛି ଗୋଟେ ଅତି ଆପଣାର ଜିନିଷ ହରେଇବାକୁ ଯାଉଛି । ଯେମିତି ଅନୁଭବ ହୁଏ ଦେହରୁ ନିଶ୍ୱାସ ବନ୍ଦ ହେଇଗଲେ । କିଛି ବୁଝି ପାରୁନଥାଏ । ଆଗରୁ କେବେ ମାମୁଙ୍କୁ ଏତେ ବ୍ୟସ୍ତ ବିବ୍ରତ ହେବାର ଦେଖିନି । ପାଖକୁ ଯାଇ ପଚାରିଲା । ମାମୁ, କଣ ହେଇଛି ? କାହାକୁ ଆଣିଛନ୍ତି ? ମାମୁ-" କାନ୍ଦକାନ୍ଦ ହେଇ କୋହଭରା କଣ୍ଠରେ ଉତ୍ତର ରଖିଲେ, ସନ୍ଦୀପ ବେଟା ଅଫିସ ଯାଉଥିବା ବାଟରେ ଅଦିତିର ଆକ୍ସିଡେଣ୍ଟ ହେଇଯାଇଛି । ବହୁତ ବ୍ଲିଡିଙ୍ଗ ହେବା କାରଣରୁ ସେନ୍ସ ଆଉଟ ହେଇଯାଇଛି । ଡକ୍ଟର କହୁଛନ୍ତି ବର୍ତ୍ତମାନ ବ୍ଲଡ଼ ଦୁଇ ପେକେଟ ଏମରଜେନ୍ସିରେ ଦରକାର, ନହେଲେ ହୁଏତ ଜୀବନ୍ ଚାଲିଯାଇ ପାରେ । କଣ କରିବି କିଛି ବୁଝିପାରୁନି...." । ସନ୍ଦୀପ ଶୁଣିବା ପରେ ତା' ଓଠରୁ ଆଉ କଥା ବାହାରୁ ନଥାଏ । ସତେ ଯେମିତି ସିଏ ସ୍ଥାଣୁ ପାଲଟି ଯାଇଛି । ମନର ମିତକୁ ହଜେଇବାକୁ ଯାଉଛି । ଯାହାସହ ଜୀବନ୍ ବିତେଇବାକୁ ସ୍ୱପ୍ନ ଦେଖିଥିଲା ସିଏ ଆଜି ଜୀବନ୍ ସହ ଲଢୁଛି । ଆଖି ଆଗରେ କଳାହାଣ୍ଡିଆ ମେଘ ଘନୀଭୂତ ହେବାରେ ଲାଗୁଥାଏ, ଅତୀତର ସ୍ମୃତି ସବୁ ଆଖି ଆଗରେ ଝଲସି ଉଠୁଥାଏ, ଅଦିତିର ଅଦିତୀୟ ଜିଦିଆ ପଣ, କଥା କଥାରେ ରାଗି ରୁଷି ଯାଉଥିବା ସେ ଫାଜିଲ ମୁହୂର୍ତ୍ତ ଗୋଟିଗୋଟି ସବୁ ମରୀଚିକା ସୃଷ୍ଟି କରୁଥାଏ । ସନ୍ଦୀପ ସହ ଏତେବର୍ଷ ସମ୍ପର୍କ ତୁଟେଇ ଦେଲାପରେ ମଧ ସନ୍ଦୀପ କେବେତାକୁ ଅଣଦେଖା କରିନି, କେବେ ହୃଦୟରୁ ଦୂରେଇ ଦେବାର ଦୁଃସାହସ କରିନି । ଗୋଟିଏ ଛୋଟ ଭୁଲ ବୁଝାମଣାରୁ ଦୁହିଁଙ୍କ ମଧରେ ଫାଟ ସୃଷ୍ଟି ହେଇଚି ଅଥଚ ସନ୍ଦୀପ ଅଦିତିକୁ ହିଁ ନିଜର କରି ହୃଦୟର ଏକ ସ୍ୱତନ୍ତ୍ର ସ୍ଥାନରେ ସାଇତି ରଖିଛି । ସେମାନଙ୍କ ଭିତରେ ଆଜିବି ପ୍ରବାହିତ ହେଉଥିଲା ଗୋଟେ ସ୍ୱଚ୍ଛ ଆଉ ଶାଶ୍ୱତ ପ୍ରେମର ନିର୍ଝରଣୀ ।

ସନ୍ଦୀପର ମାଆ ଏସବୁ ଶୁଣି, ଶୀଘ୍ର ବ୍ଲଡ଼ ଦେବାପାଇଁ ସନ୍ଦୀପକୁ କହନ୍ତି ଆଉ ଅଦିତିଙ୍କ ବାପାଙ୍କୁ ଧୈର୍ଯ୍ୟ ରଖିବାକୁ ବୁଝଉଥାନ୍ତି । ଧୀରେଧୀରେ ପରିବାରର ଅନ୍ୟ ସଦସ୍ୟମାନେ ଦେଖା କରିବାକୁ ଭିଡ଼ ଲଗାନ୍ତି । ଅଦିତିର ମାଆ ଆଖିରୁ ଧାରଧାର ଲୁହ ନିଗାଡୁଥାନ୍ତି ଆଉ ବଖାଣୁ ଥାଆନ୍ତି ଅଦିତିର ଅଦିତୀୟ ରୂପକ୍ରାନ୍ତିକୁ ଏବଂ ସନ୍ଦୀପର ମାଆ ଓ ଅନ୍ୟମାନେ ଧୈର୍ଯ୍ୟ ରଖିବାକୁ ଆଶ୍ୱାସନା ଦେଉଥାନ୍ତି, ହେଲେ କଣ ମାଆ ମନ ବୁଝେ କି ? ସେମିତି ଆଖିରୁ ଗଙ୍ଗା ଯମୁନାର ସ୍ରୋତସ୍ୱିନୀ ବୁହେଇ ଚାଲିଥାନ୍ତି ଆଉ ପ୍ରମାଣ କରୁଥାନ୍ତି ଯେ ସନ୍ତାନକୁ କେତେ ଭଲ ପାଆନ୍ତି ।

ଗୋଟେ ପେକେଟ ବ୍ଲଡ଼ ଚଢ଼ିଲା ପରେ ଡାକ୍ତର ଆସି କହିଯାଆନ୍ତି, ପେସେଣ୍ଟ ଇଜ ଆଉଟ ଅଫ ଡେଞ୍ଜର । ଅତ୍ୟଧିକ ବ୍ଲିଡିଙ୍ଗ ହେବା କାରଣରୁ ଭୟରେ ସେନ୍ସ ଆଉଟ ହେଇଯାଇଥିଲା । ବିଶେଷ କିଛି ହେଇନି ଆପଣମାନେ ଏଥର ଦେଖା କରିପାରିବେ ।

ଅଦିତିଙ୍କୁ ଦେଖା କରିବାକୁ ସମସ୍ତେ ବେଡ ପାଖକୁ ଯାଆନ୍ତି । ସନ୍ଦୀପର ମାଆ ମଧ । ନିଜ ଜୀବନ୍ ସମ ଝିଅକୁ ଆଖି ଖୋଲିବା ଦେଖି ଅଦିତିଙ୍କ ବାପାମାଆ ବିଭୋର ହେଇ ପଡୁଥାନ୍ତି । ଅଦିତିଙ୍କ ବାପା କହନ୍ତି......ମାଆରେ ଆଜି ତୋ ଜୀବନ୍ ବଞ୍ଚିଛି କେବଳ ସନ୍ଦୀପ ପାଇଁ । ଠିକ ସମୟରେ ସିଏ ଯଦି ବ୍ଲଡ଼ ଦେଇନଥାନ୍ତା ତେବେ ତୋର କଣ ହେଇଥାନ୍ତା ଭାବିଲା ବେଳକୁ ଭୟ ଲାଗୁଛି..... ଥ୍ୟାଙ୍କସ୍ ଗଡ଼ । ଏକଥା ଶୁଣି ଅଦିତିଙ୍କ ଆଖି ସାମ୍ନାରେ ହଠାତ ନାଚିଉଠୁଥିଲା ଅତୀତରେ ଘଟିଥିବା ଖଟା ମିଠା ଘଟଣାର ଜୀବନ୍ତ ଚଳଚ୍ଚିତ୍ର । ଦୁହେଁ କେତେଯେ ବର୍ତ୍ତମାନକୁ ଅତୀତର ରୂପ ଦେଇଛେ ତାର ହିସାବ ନାହିଁ । ଗୁପଚୁପ, ଆଇସ୍କ୍ରିମ ଠାରୁ ଆରମ୍ଭ କରି ସିନେମା ଯାଏଁ ବେଶ୍ ସମୟ ଦୁହେଁ ବିତେଇଛନ୍ତି ହେଲେ ବନ୍ଧୁ ହିସାବରେ । ନୋଟ୍ସ ସେୟରିଙ୍ଗ ଠାରୁ କପି ରାଇଟିଙ୍ଗ ସବୁଥିରେ ଦୁହେଁ ସମୟକୁ ଛୋଟ କରିଦେଉଥିଲେ । ଆଉ କେତେବେଳେ ଯେ ଦୁହିଁଙ୍କ ଭିତରେ ପ୍ରେମର ତାଜମହଲ ଗଢିହେଇଗଲା ଜାଣିପାରିଲେଣି । ଅନ୍ୟର କଥାରେ ପଡି, ଗୋଟେ ଛୋଟିଆ କଥାରେ ମନର ମିତ ସହ ଦୀର୍ଘବର୍ଷ ସମ୍ପର୍କ ତୁଟେଇ ଦେଇଥିଲା କିନ୍ତୁ ମନ ସେମିତି ଖୋଜୁଥିଲା ଆଉ ଆଜି ଯେତେବେଳେ ତା ଜୀବନ୍ ବଞ୍ଚିବାର କାରଣ ହିଁ ସେହି ଶୁଣି ନିଜକୁ ରୋକି ପାରୁନଥାଏ । ଥରିଲା ଓଠରେ.....ମାଆ ସନ୍ଦୀପ, ବାପା ସନ୍ଦୀପ...ହେଉଥାଏ ଅଦିତି ଠିକ ଏତିକି ବେଳେ ସନ୍ଦୀପ ଦ୍ୱିତୀୟ ପେକେଟ ବ୍ଲଡ଼ ଦେଇ ଅଦିତିଙ୍କୁ ଦେଖା କରିବାକୁ ରୁମକୁ ପସିଆସେ ।

କିଛିକ୍ଷଣ ପାଇଁ ଦୁହେଁ ଦୁହିଁଙ୍କୁ ଅପଲକ ଚାହିଁ ରୁହନ୍ତି । ଦୁହିଁଙ୍କ ଆଖିରେ ବାରି ହେଇପଡୁଥାଏ ପ୍ରେମର ଗଭୀରତା । ସନ୍ଦୀପ ଅଦିତି ର ବେଡ଼ ପାଖରେ ବସିପଡ଼େ... ଅନେକ ଦିନରୁ ଅପେକ୍ଷା କରିଥିବା ସନ୍ଦୀପର ଫଗୁଣ ଫେରନ୍ତା ଓଠ କହିବସେ.....ଅଦିତି ଏବେ କେମିତି ଅଛ... ? ଆଜି ରାଗିବନି କି... ? ଅଦିତି ନିଜକୁ ରୋକି ନପାରି କୋଳେଇ ନିଏ ସନ୍ଦୀପକୁ । ଆଉ ସାଇତି ରଖିଥିବା ପ୍ରେମର ଆବେଗକୁ ପ୍ରକାଶ କରି....କହିବସେ....ଆଇ ଆମ ସରି ସନ୍ଦୀପ, ମୁଁ ଭୁଲ ବୁଝିଥିଲି ତୁମକୁ । କ୍ଷମା କରିବନି...କି ତମ ମିତକୁ..... । ଏମିତି କିଛି ସମୟ ଅତିବାହିତ ହେଲାପରେ, ସାଙ୍ଗ ମାଧ୍ୟମରେ ଜାଣିବାକୁ ପାଏ ସିଏ ଏସ.ଆଇରେ ସିଲେକ୍ଟ ହେଇଛି ।

ସତରେ ଭାରି ବିଚିତ୍ର ଏ ଜୀବନର ମୋଡ଼ । କେତେବେଳେ କାହା ସହ କେଉଁଠି ଅଟକିଯାଏ ଜାଣିବା କଷ୍ଟକର । ମଣିଷ ଜାଣିବା ଆଗରୁ ଆରମ୍ଭର ଇତି ହେଇ ସାରିଥାଏ କିନ୍ତୁ ମନରେ ବସା ବାନ୍ଧିଥିବା ସତ୍ୟ ଚିରନ୍ତନ ସ୍ନେହ, ପ୍ରେମ ଆଉ ଭଲପାଇବାର ବିଶ୍ୱାସ କେବେ ପୂର୍ଣ୍ଣଚ୍ଛେଦ ପଡିବାକୁ ଦିଏନା । ସବୁ ମାନ ଅଭିମାନ ସନ୍ଦୀପ ଆଉ ଅଦିତି ଭୁଲି ଦୁହେଁ ଦୁହିଁଙ୍କୁ ନିଜର କରିନେଲେ, ଜୀବନର ଆଗାମୀ ଅଧାୟକୁ ସ୍ୱାଗତ କରି ।


+ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ସମ୍ପାଦକ- ସୃଷ୍ଟି ସମ୍ଭାର ସାହିତ୍ୟ ପତ୍ରିକା





ପ୍ରଫୁଲ୍ଲ ବାରିକ


# ଶୀତସକାଳ ଓ ଶିଶିରଭିଜା ଗେଣ୍ଡୁଫୁଲ



ପ୍ରଶାନ୍ତବାବୁ ଜଣେ କୃଷିପ୍ରେମୀ ମଣିଷ । କୃଷକ ପରିବାରରେ ଜନ୍ମହେତୁ କୃଷିପ୍ରତି ଦୁର୍ବଳତା ତାଙ୍କର । ପାଠପଢି ଚାକିରୀ କଲେବି ପାଇଥିବା କ୍ୱାର୍ଟର ଚାରିପାଖେ ଥିବା ଯତ ସାମାନ୍ୟ ଜାଗାରେ ସେ ମନର ଅରମାନ ମେଣ୍ଟାନ୍ତି । ଚାଖଣ୍ଡେ ଜାଗା ରଖନ୍ତିନାଇଁ ପଡିଆ । ଋତୁ ଅନୁଯାଇ ଫସଲ । ପରିବାରର ପରିବାତ ଚଳେ, ତା ସହ ସେଥିରୁ ମିଳୁଥିବା ଆନନ୍ଦ ତାଙ୍କୁ ଆଉ କୋଉଠୁ ମିଳେନା ।

ଶୀତଦିନେ କରିଛନ୍ତି ଶାଗ, ଧନିଆଁ, ପାଳଙ୍ଗ, ବିନ୍ସ । ଟମାଟୋ ଗଛ କେଇଟା ପରିବାର ଚଳିବାପରି । ଛୋଟଛୋଟ ପ୍ଲଟକରି ସେଇଥିରେ ଯାହା ଯେତିକି ସମ୍ଭବ କରିଛନ୍ତି । ଝିଅ ନୀଳିମା ଏବେ କଲେଜରେ ଶେଷବର୍ଷର ଛାତ୍ରୀ । ସିଏ କିନ୍ତୁ ଭାରି ଫୁଲପ୍ରେମୀ । ବାପାଙ୍କୁ କହିଲା, ସବୁତ ପରିବାରେ ଦେଲ । ମୋତେ ଟିକେ ଜାଗାଦିଅ ମୁଁ ଗେଣ୍ଡୁ ଦି'ଗଛ ପୋତେ । ଶୀତରେ ଆଉକିଛି ଫୁଲ ଫୁଟିବନି ଗେଣ୍ଡୁକୁ ଛାଡି । ବଗିଚାଟା ଦିଶିବ ଗୋଟା ନଙ୍ଗଳା । ଅନେଇ ହେବନି । ବାପା ମୁରୁକିହସି ଅନେଇଲେ ନୀଳିମାକୁ । କହିଲେ, ପରିବା ହେଲେ ଖାଇବା । ଫୁଲ କୋଉ କାମକୁ ? ନୀଳିମା ବାପାଙ୍କ ଉତ୍ତରରେ ଚୁପ ରହିଲା । ଚିନ୍ତାକଲା ପରିବାସହ ଫୁଲବି କିମିତି ହେଇପାରିବ । ଉଭୟଙ୍କ ଲକ୍ଷ୍ୟ ହାସଲହେବ । ତା ମୁଣ୍ଡକୁ ଆସିଲା ବୁଦ୍ଧିଟିଏ । ଘରୁ ଛୋଟକୋଡ଼ି ନେଇ ସବୁ ପଟାଳିର ହିଡରେ ଅଳ୍ପଅଳ୍ପ ହାଣି ମାଟି ସାବାଡ଼ କରିଦେଲା । କଲେଜରୁ ଫେରିବା ବେଳେ ରାସ୍ତାରୁ କିଛି ଗେଣ୍ଡୁଚାରା ଧରି ଆସିଲା । ସନ୍ଧ୍ୟାପୂର୍ବରୁ ନେଇ ହାଣିଥିବା ସ୍ଥାନରେ ରୋଇଦେଲା ଚାରା ସବୁକୁ କିଛି କିଛି ଦୂରତାରେ । ପାଣିଦେଇ ଆସୁଛି ବୋଉଦେଖି ମୁରୁକିହସି କହିଲେ, ତମେ ବାପଝିଅ ସବୁବେଳେ ସେଇ ବଗିଚାରେ । ବଗିଚା ତମର ଜୀବନ । ବୋଉକୁ ଉତ୍ତର ଦେବାକୁ ଯାଇ ନୀଳିମା କହିଲା, ବିନା ଗେଣ୍ଡୁରେ କିମିତି ଠାକୁର ପୂଜା କରିବୁ ଦେଖିବି ନାଇଁକି ? ଆଉତ କିଛିଫୁଲ ଫୁଟିବନି ଶୀତରେ । ବୋଉ ତାରିଫ କଲେ ତା ଦୂରଦୃଷ୍ଟିକୁ ।

ମାସଟିଏ ଯାଇଛି ଗଛସବୁ ଡ଼ାଳକୁଆଁ ମେଲେଇ ବଡ଼ବଡ଼ ହେଇଗଲେ ଓ ପରେପରେ କଢି ଆସିଗଲା । ଅନଉ ଅନଉ ଫୁଲଫୁଟି ଚମକେଇଲା ବଗିଚାକୁ । ବାପାଙ୍କ ଶାଗ ବିନ୍ସକୁ ଟପେଇ ହଳଦୀ ରଙ୍ଗ ମନମୋହିଲା ସମସ୍ତଙ୍କର । ବାପାବି ମନେମନେ ଧନ୍ୟବାଦ ଦେଉଥାଆନ୍ତି ନୀଳିମାକୁ ।

ଏଣିକି ନିଇତି ଭୋ'ରୁ କେହି ଉଠିବା ପୂର୍ବରୁ ନୀଳିମା ଯାଇ ବଗିଚାରେ କ'ଣ କରୁଥାଏ । ତାର ଏପରି କର୍ମରେ ବୋଉ ପଚାରିଲେ, ଥଣ୍ଡାରେ ଆମେ ବିଛଣା ଛାଡିବା ଆଗରୁ କ'ଣ କରୁଯାଇ ବଗିଚାରେ ? ତୋତେ ଥଣ୍ଡା ଲାଗେନା ?

---- ଦେଖ ବୋଉ, ସକାଳୁ କେବେ ଉଠି ଦେଖିଚୁ ଫୁଲଙ୍କୁ ? କାକରରେ ଗାଧେଇ ପଡନ୍ତି । ବଡ଼ବଡ଼ ଫୁଲଙ୍କ ପାଖୁଡାରେ ଖାଲି ପାଣିଭର୍ତ୍ତି । ସେସବୁକୁ ଝାଡ଼ି ନଦେଲେ ଓଜନରେ ଭାଙ୍ଗି ପଡ଼ିବନି ଡେମ୍ଫରୁ ? ମୁଁ ନିଇତି ଫୁଲରୁ କାକର ଛଡ଼ାଉଥାଏ ।

--- ବୋକୀଟା । ପ୍ରକୃତିର ଭିଆଣ ଇଏ । ଫୁଲରେ କାକର ରହିଲେ ତାର ସତେଜତା ଦୀର୍ଘ ସ୍ଥାୟି ହେବ । ନାଇଁତ ଖରାରେ ଝାଉଁଳି ଆସ୍ତେ ଆସ୍ତେ ଶୁଖିଆସିବ । ଆଉ ସିମିତି କରିବୁନି । ଡେମ୍ଫରୁ ଭାଙ୍ଗିଲେବି ଫୁଲ ଶୁଖିବନି ।

କହିଦେଇ ବୋଉ ଚାଲିଗଲେ । କଥାଟାକୁ ନୀଳିମା ଛାତିକୁ ନେଲା । ଭାବିଲା କିଛି ସମୟ । ସେଠୁ ଆସି ତା ପଢ଼ାଘରେ ଟଙ୍ଗା ହେଇଥିବା କଲେଜ ଆରମ୍ଭ ବେଳର ଫଟୋଟିକୁ ଦେଖିଲା । କି ସୁନ୍ଦର ସତେଜ ଚେହେରା । ଠିକ ଫୁଟନ୍ତା ଗେଣ୍ଡୁପରି । ରଙ୍ଗରେ ଚମକ, ମନଲୋଭା । ଅଥଚ ଏବେ ଦେଖୁଚି ଦର୍ପଣରେ ନିଜକୁ । ନାଇଁ ସେ ରୂପ । ସ୍ୱାସ୍ଥରେ ଆସିଲେବି ପରିବର୍ତ୍ତନ ନାଇଁ ସେ ଚମକ । ନାଇଁ ସେ ସତେଜତା । ନୀଳିମା ଦାୟିକଲା ସମୟକୁ । ଫୁଲକୁ ଖରାପରି ସମୟ ଛଡେଇ ନେଉଛି ଧୀରେ ଧୀରେ ତାଠୁ ସୌନ୍ଦର୍ଯ୍ୟ । ସତେଜତା । ତା ମନ ମରିଆସିଲା । ଭାବିଲା, ଏବେତ ଏଇଆ । ସମୟ ଅତିକ୍ରଣରେ ଅଛି ଆଗକୁ ଆହୁରି କେତେ । ସ୍ଥିରକଲା ଆଉ କାକର ଛଡେଇବନି ଫୁଲରୁ । ବୋଉକୁ ଧନ୍ୟବାଦ ଦେଲା ମନେମନେ । ଭାବିଲା ପଚାରିବକି, ଫୁଲଙ୍କ ଦୁଃଖତ ବେଶ ବୁଝିପାରୁଛୁ । ମୋ ଦୁଃଖ କ'ଣ ଦିଶୁନି ତୋ ଆଖିକୁ ? ମୋର ଅଛି ସେ ସତେଜତା ଯାହା ଥିଲା ବର୍ଷ କେଇଟା ପୂର୍ବରୁ ? ସେ ଜାଣେ ବୋଉର ସେଇ ଗୋଟିଏ ଉତ୍ତର । ତା ହେଲା, ପ୍ରକୃତିକୁ ଫାଙ୍କିବ କିଏ ? ସିଏ କରିଚାଲିବ ତା କାମ । ନୀଳିମା ଫେରି ଆସିଲା ବିସର୍ଣ୍ଣ ମନରେ ତା ପଢାଘରକୁ । ଆସି ବସି ଅନେଇ ରହିଲା ବଗିଚାର ପେନ୍ଥାପେନ୍ଥା ଗେଣ୍ଡୁ ଫୁଲଙ୍କୁ । ପବନରେ ଦୋହଲୁଛନ୍ତି । ସୂର୍ଯ୍ୟ କିରଣରେ ଚିକମିକ କରୁଛି ରୁପାପରି କାକର ବିନ୍ଦୁ ।


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ

ମୋ: ୯୨୩୮୯୨୦୪୦୫

# ପୂର୍ବତଟ ରେଳପଥ ଦ୍ୱାରା ଆୟୋଜିତ ମହିଳା ଅବକାଶ ଶିବିର - ୨୦୨୫

ଭୁବନେଶ୍ୱର,୩୦/୧୧ (ନି.ପ୍ର): ପୂର୍ବତଟ ରେଳପଥର କର୍ମଚାରୀ ଲାଭ ପାଣ୍ଠି ଅଧୀନରେ ଆୟୋଜିତ ମହିଳା ଛୁଟି ଶିବିର - ୨୦୨୫କୁ ଆଜି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଏହାର ମୁଖ୍ୟାଳୟରୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

ମୁଖ୍ୟାଳୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମୋଟ ୭୨ ଜଣ ମହିଳା କର୍ମଚାରୀ ଏହି ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି, ଯାହା ୩୦ ନଭେମ୍ବର ୨୦୨୫ ରୁ ୨ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ମହିଳା କର୍ମଚାରୀଙ୍କ ମଧ୍ୟରେ ମନୋରଞ୍ଜନ, ସୁସ୍ଥତା ଏବଂ ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି ଶିବିରର ଉଦ୍ଦେଶ୍ୟ।

ଏହି ଅବସରରେ ଉଦବୋଧନ ଦେଇ ମହାପ୍ରବନ୍ଧକ କର୍ମଚାରୀ କଲ୍ୟାଣ ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ମହିଳା କର୍ମଚାରୀଙ୍କ କଲ୍ୟାଣ, ସଶକ୍ତିକରଣ ଏବଂ ସୁରକ୍ଷା ପ୍ରତି ପୂର୍ବତଟ ରେଳପଥର ଦୃଢ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। ଏକ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବା ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ଛୁଟିଦିନ ଶିବିର, ତାଲିମ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ବିକାଶ କାର୍ଯ୍ୟକଳାପ ଭଳି କଲ୍ୟାଣମୂଳକ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେ ମହିଳା କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଏଭଳି ସମୃଦ୍ଧ ସୁଯୋଗର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

ଗସ୍ତ ସମୟରେ, ଏହି ଦଳ କୋରାପୁଟ ଅଂଚଳର ମନୋରମ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳର ଅନ୍ୱେଷଣ କରିବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି: ଓଡ଼ିଶାର ସର୍ବୋଚ୍ଚ ଶୃଙ୍ଗ ଦେଓମାଲି ପାହାଡ଼; ଗୁପ୍ତେଶ୍ୱର ମନ୍ଦିର-ଏକ ପ୍ରାଚୀନ ପବିତ୍ର ତୀର୍ଥସ୍ଥାନ; ଡୁଡୁମା ଜଳପ୍ରପାତ-ପୂର୍ବ ଘାଟର ଏକ ପ୍ରମୁଖ ପ୍ରାକୃତିକ ଆକର୍ଷଣ ।

ପୂର୍ବ ତଟ ରେଳପଥ ବିଭିନ୍ନ କର୍ମଚାରୀ କୈନ୍ଦ୍ରିକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ଜାରି ରଖିଛି, କଲ୍ୟାଣ ବୃଦ୍ଧି ଏବଂ ଏହାର ମହିଳା କାର୍ଯ୍ୟବଳ ପାଇଁ ସହାୟତା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।

ପୂର୍ବ ତଟ ରେଳପଥ ବିଭିନ୍ନ କର୍ମଚାରୀ-କୈନ୍ଦ୍ରିକ ପଦକ୍ଷେପ କାର୍ଯ୍ୟକାରୀ କରିଚାଲିଛି, ଯାହା ଏହାର ମହିଳା କର୍ମଚାରୀଙ୍କ କଲ୍ୟାଣ ବୃଦ୍ଧି ଏବଂ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି।

# ଜିଲ୍ଲାସ୍ତରୀୟ ଲଘୁବନଜାତ ସର୍ବେକ୍ଷଣ ଫଳାଫଳ ଓ ପରାମର୍ଶ ପ୍ରଦର୍ଶନ ସମ୍ପର୍କରେ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

କନ୍ଧମାଳ,୩୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ଜିଲ୍ଲାର ଲଘୁବନଜାତ ଦ୍ରବ୍ୟର ସର୍ବେକ୍ଷଣର ଫଳାଫଳ ଓ ପରାମର୍ଶ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ର ପ୍ରଦାନ, ସ୍ୱାତୀ, ନିର୍ମାଣ ଏବଂ ଶାନ୍ତି ମୈତ୍ରୀ ସହିତ ଚାରିଟି ପାର୍ଟନର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତାଙ୍କ ସର୍ବେକ୍ଷଣ ତଥ୍ୟ, ଅନୁସନ୍ଧାନ ଓ ପରାମର୍ଶଗୁଡ଼ିକ ପ୍ରସ୍ତୁତ କରିଥିଲେ।

ପ୍ରାୟ ତିନି ଘଂଟା ଧରି ଜିଲ୍ଲାପାଳ ସମସ୍ତ ପ୍ରସ୍ତୁତିକୁ ଶୁଣିଥିଲେ ଏବଂ ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ। ପ୍ଲାଷ୍ଟିକ-ମୁକ୍ତ ପିକନିକ ସ୍ପଟ ବିକାଶ କରିବାରେ ଆସନ୍ତା ବର୍ଷ ମଧ୍ୟରେ କିଛି ଦର୍ଶନୀୟ ସ୍ଥାନରେ ପ୍ରମାଣ ମଡେଲ୍ ତିଆରି କରିବାକୁ ଜୋର ଦେଇଥିଲେ। ଗ୍ରାମବାସୀ ସମୁଦାୟ, ଓ ପଂଚାୟତର ଅଂଶଗ୍ରହଣ ଯୋଗେ ପରିବେଶ ପୁନରୁଦ୍ଧାର କାମକୁ ଗତି ଦେବା ପାଇଁ ଗୋଷ୍ଠୀ ସଂଗଠନ ମାନଙ୍କୁ ସମସ୍ତ ପ୍ରକାରର ପ୍ରଶାସନିକ ସହଯୋଗ ଦେବାକୁ ସେ ନିଶ୍ଚିତ କରିଛନ୍ତି। ଲଘୁବନଜାତ ଦ୍ରବ୍ୟର ଏକତ୍ରୀକରଣ, ମୂଲ୍ୟ ବୃଦ୍ଧି, ବଜାର ଯୋଗାଣ ଓ ବିପଣନୀକରଣ ସମ୍ବନ୍ଧୀୟ ଅଧିକାଂଶ ପରାମର୍ଶକୁ ସମର୍ଥନ କରିବାକୁ ସେ ସମ୍ମତି ଜଣାଇଥିଲେ। ଏହା ସହିତ କନ୍ଧମାଳ ଜିଲ୍ଲାରେ ନ୍ୟୁନତମ ସହାୟକ ମୂଲ୍ୟ ଓ ଲଘୁବନଯାତ ବିଷୟରେ ବ୍ୟାପକ ଜାଗୃତି ଆବଶ୍ୟକ ବୋଲି ଓ ଏଥିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ସହଭାଗୀତାକୁ ସ୍ୱାଗତ କରିଛନ୍ତି। ଟିଡିସିସି ମାଧ୍ୟମରେ ଲଘୁବନଜାତ ଦ୍ରବ୍ୟ ଗୁଡ଼ିକର ବିକ୍ରି, ଜନଜାତି ହାଟ ଗୁଡିକରେ ନ୍ୟୁନତମ ସହାୟକ ମୂଲ୍ୟର ଫଳକ ଓ ଲଘୁବନଜାତ ଦ୍ରବ୍ୟ ଗୁଡ଼ିକର ମୂଲ୍ୟବୃଦ୍ଧି ପାଇଁ ଭିତିଭୂମି ବିକାଶ ଉପରେ ଆଲୋଚନା କରାଯାଇଥିଲା।

ଏଥିରେ ଫୁଲବାଣୀ ଓ ବାଲିଗୁଡାର ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ ଯୋଜନା ପ୍ରବନ୍ଧକ ଫୁଲବାଣୀ ଓ ବାଲିଗୁଡା, ସିଡିଓ କନ୍ଧମାଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ଦାରନର ଟିମ୍ କୋର୍ଡିନେଟର ଓ ସ୍ୱାତୀ, ନିର୍ମାଣ ଏବଂ ଶାନ୍ତି ମୈତ୍ରୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ବୈଠକ ଜିଲ୍ଲାର ଲଘୁବନଜାତ ଭିତିକ ଜୀବିକା, ବନ ସୁରକ୍ଷା ଓ ଗୋଷ୍ଠୀ ସଂଗଠନ ଯଥା ଗୋଷ୍ଠୀ ଜଙ୍ଗଲ ପରିଚାଳନା କମିଟି ମାଧ୍ୟମରେ ସମୁଦାୟ ନେତୃତ୍ୱକୁ ବୃଦ୍ଧି କରିବାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

## ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡା,୩୦/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମଙ୍ଗଳ ବିଭାଗ ଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ଉନ୍ନୟନ ବିଭାଗ ଦ୍ୱାରା ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୯ଗୋଟି କମ୍ପାନୀ (ପିଆଇଏ) ଦ୍ୱାରା ଜିଲ୍ଲାର ୪ ଗୋଟି ବ୍ଲକରୁ ୭୯ ଶିକ୍ଷିତ ବେକାର ଯୁବକ, ଯୁବତୀ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ । ଏଥିରେ ୯ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦିଆ ଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ମଙ୍ଗଳ ଅଧିକାରିଣୀ ରଶ୍ମି ମଞ୍ଜୁରୀ ପ୍ରଧାନ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଜନୀକାନ୍ତ ନାୟକ, ଲିପିକା ପ୍ରିୟଦର୍ଶନୀ ବାରିକ, ଶୁଭ୍ରଜିତ ରାଉତ, ରଶ୍ମି ଦେବୀ, ବିଶ୍ୱଜିତ୍ ରଥ, ପୂଜାରିଣୀ ସ୍ୱାଇଁ, ପ୍ରଦୀପ ଦାସ, ଉମେଶ ଚନ୍ଦ୍ର ମାହାଳି, ସୁଦାମ ଚରଣ ମଲିକ, ଆଲୋକ ରଞ୍ଜନ ବାରିକ, ରାକେଶ ପାତ୍ର, ସଂଯୁକ୍ତା ପାତ୍ର, ରମେଶ ଜେନା, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟର କୃଷ୍ଣକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଳରାମ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡ଼ବିଲ ପୋଲିସ୍ ପକ୍ଷରୁ ଜନ ସମ୍ପର୍କ ମେଳା ଓ ମାଗଣା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର,୩୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ପଂଚାୟତ ଅଧିନରେ ଥିବା କାଶିଆ ଗ୍ରାମରେ ବଡ଼ବିଲ ପୋଲିସ୍ ପକ୍ଷରୁ ଜନ ସମ୍ପର୍କ ମେଳା ଓ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର କାଶିଆ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ବଡ଼ବିଲ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ଼ାକ୍ତର ଷୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ମିଳିତ ଭାବେ ଫିତା କାଟି ଶୁଭ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ପିଙ୍ଗୁଆ କହିଥିଲେ କି ଆଜିର କାର୍ଯ୍ୟକ୍ରମ ର ମୁଖ୍ୟଉଦ୍ଦେଶ୍ୟ ପୋଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ଓ ପୋଲିସ୍ ଓ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଯାହାକୁ ନେଇ ଆଜିର ଏହି କାର୍ଯ୍ୟକ୍ରମ କରାଯାଇଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ତାଙ୍କ ଅଭିଭାଷଣରେ କହିଥିଲେ। ଏହି କର୍ମଶାଳାରେ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ମାନେ ଯୋଗଦେଇଥିଲେ ସେଥିରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ କମ୍ବଳ ,ଜଳଖିଆ ଓ ପାନୀୟ ଜଳ ବଂଟନ କରଯାଇଥିଲା। ଏବଂ ସ୍କୁଲର ପିଲା ମାନଙ୍କୁ ଖାତା ବହି ଓ ପେନ୍ସିଲ୍ କଲମ ପ୍ରଦାନ୍ କରଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଅୟୋଜନ କରାଯାଇଥିବା ବେଳେ ଏସ ଆଇ ବରଦା ପ୍ରସନ୍ନ ସାହୁ, ଶ୍ରୀ ରାଉଳ, ଶ୍ରୀ ପଟେଲ, ଶ୍ରୀମତୀ କାରିଏଲି, ଅମିତ୍ ମହାରଣା ଓ ବଡ଼ବିଲ ଥାନାର ସମସ୍ତ ପୋଲିସ୍ କର୍ମୀଙ୍କ ସହଯୋଗରେ ଅୟୋଜନ କରାଯାଇଥିଲା ଯେଉଁଥିରେ ବଡ଼ବିଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ଼ାକ୍ତର ଷୌଭାଗ୍ୟ ରଶ୍ମି ରଞ୍ଜନ ସାମଲ ଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀ ଟିମ୍ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ଔଷଧ ବଂଟନ କରିଥିଲେ ଏବଂ ଅତିଥି ଭାବେ ବଡ଼ବିଲ ପୌରାଧିକାରି ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ।

# ବାସୁଦେବପୁରରେ କୁରାଳ ପଂଚମୀ ମହାସମାରୋହରେ ପାଳିତ

ଧର୍ମଶାଳା,୩୦/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବାସୁଦେବପୁରଠାରେ କୁରାଳ ପଂଚମୀ ମହାସମାରୋହରେ ପାଳିତ ହୋଇଯାଇଛି । କୁରାଳ ପଂଚମୀ ହେଉଛି କୁମ୍ଭକାର ପରିବାରଙ୍କର ଏକ ମୁଖ୍ୟ ପର୍ବ । ଏହି ପର୍ବ ଅବସରରେ କୁମ୍ଭକାରମାନେ ସେମାନଙ୍କ ମାଟି ହାଣ୍ଡି ଗଢା କାର୍ଯ୍ୟ ବନ୍ଦ କରି ଏହି ଉତ୍ସବକୁ ମହା ଧୁମଧାମରେ ପାଳନ କରିଥାନ୍ତି । ଶ୍ରୀ ଜଗନ୍ନାଥ ପୂଜା କମିଟି ପକ୍ଷରୁ କେଲୁଅ ନଦୀରୁ କଳସରେ ଜଣା ଅଣା ଯାଇ ଲକ୍ଷ୍ମୀନାରାୟଣଙ୍କ ପୂଜା ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଛି । ମୁଖ୍ୟ ପୂଜକ ସୁରେନ୍ଦ୍ର ପଣ୍ଡା, ବାସୁଦେବ ପଣ୍ଡା ଓ ସଂଜୟ ପଣ୍ଡା, କର୍ତାଭାବେ ଚନ୍ଦନ ସାହୁ ଓ ଉପକର୍ତାଭାବେ ବିଷ୍ଣୁ ସାହୁ ସଙ୍କଳ୍ପ ଆସନରେ ବସିଥିଲେ । ବିଭିନ୍ନ ଦିବସମାନଙ୍କରେ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମାନ ଦେଖିବା ପାଇଁ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଶୁକ୍ରବାର ସନ୍ଧ୍ୟାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପୂଜା ମଣ୍ଡପରେ ପଂହଚି ବିଭୂକୃପା ଲାଭ କରିଥିଲେ । ଏହି ଅବସରରେ ଶ୍ରୀ ଜଗନ୍ନାଥ ପୂଜା କମିଟି ତରଫରୁ ବିଧାୟକ ଶ୍ରୀ ସାହୁଙ୍କୁ ମହିଳା ଶ୍ରଦ୍ଧାଳୁମାନେ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଉପଦେଷ୍ଟା ନରେନ୍ଦ୍ର ସାହୁ,ଶରତ ସାହୁ, ବୀର କିଶୋର ସାହୁ, ନାରାୟଣ ସାହୁ, କୁଳମଣୀ ସାହୁ, ଶ୍ୟମ ସୁନ୍ଦର ବେହେରା, ଶତୃଘ୍ନ ସାହୁ, ମକର ସାହୁ, ଧ୍ରୁବ ସାହୁ, ବସନ୍ତ ସାହୁ, ଜଗତ ସାହୁ, ରବିନ୍ଦ୍ର ସାହୁ, କାର୍ତିକ ସାହୁ, ବିପିନ ସାହୁ, ତୈଲୋକ୍ୟ ବେହେରା, ସୁରେଶ ସାହୁ, କୈଳାସ ସାହୁ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ଭବନ ସଂହିତା ତାଲିମ ଶିବିର

ସମ୍ବଲପୁର,୩୦/୧୧ (ନି.ପ୍ର): ସମ୍ବଲପୁର ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ) ଓ ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଏବଂ ରାଜ୍ୟ ଡେଜିଗନେଟେଡ୍ ଏଜେନ୍ସି କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଇସିଏସବିସି ସେଲ୍ ୨୮ ଏବଂ ୨୯ ନଭେମ୍ବର ୨୦୨୫ରେ ସମ୍ବଲପୁର ମହାନଗର ନିଗମ (ଏସଏମସି) କାର୍ଯ୍ୟାଳୟର କନଫେରେନ୍ସ ହଲରେ ଇସିଏସବିସି ଉପରେ ଏକ ଦୁଇ ଦିନିଆ ତାଲିମ ଶିବିର କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ରେଢାଖୋଲ ଏନ୍ଏସି, କୁଚିଣ୍ଡା ଏବଂ ରେଙ୍ଗାଲି ଟିପିଡବ୍ଲୁଓଡିଏଲ୍, ଇଡକୋ, ପୂର୍ତ ବିଭାଗ, ଭିସୁଟ୍ ଏବଂ ଶକ୍ତି ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ କମିଶନର ଏସଏମସି ସରୋଜିନୀ କୁଲୁ, ଡେପୁଟି କମିଶନର ଏସଏମସି ଭିକ୍ଟର ସୋରେଙ୍ଗ, ଅତିରିକ୍ତ ସିଟି ଇଞ୍ଜିନିୟର ଏସଏମସି ପ୍ରଫୁଲ୍ଲ ରାଉତ, ଅତିରିକ୍ତ ମୁଖ୍ୟ ଇଞ୍ଜିନିୟର (ବିଦ୍ୟୁତ)-ଓ-ବୈଦ୍ୟୁତିକ ନିରୀକ୍ଷକ ସମ୍ବଲପୁର ଗଣନାଥ ଦାସ ଏବଂ ଶକ୍ତି ଦକ୍ଷତା ବ୍ୟୁରୋ ତରଫ ରୁ ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଏବଂ ଡକ୍ଟର ସୟଦ ମୋୟାଜ୍ଜମ ଅଲିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଏସଡିଏ ଓଡ଼ିଶା ତରଫରୁ ଇସିଏସବିସି ସେଲ୍ ସ୍ୱାଗତ ଭାଷଣ ଦେଇ ଦର୍ଶକମାନଙ୍କୁ ଇସିଏସବିସି କୋଡ୍ ବିଷୟରେ ସୂଚନା ଦେଇଥିଲେ ଏବଂ ଇସିଏସବିସି କୋଡ୍ ବିକାଶ ପାଇଁ ୟୁଏଲବି ସହିତ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ତାଙ୍କ ଉଦଘାଟନୀ ଭାଷଣରେ, ମୁଖ୍ୟ ଅତିଥି ସରୋଜିନୀ କୁଲୁ, ଶକ୍ତି ସଂରକ୍ଷଣ କୋଡ୍ ସୁଗମ କାର୍ଯ୍ୟକାରୀ କରିବା ପାଇଁ କୋଠା କ୍ଷେତ୍ରର ଅଂଶୀଦାରମାନଙ୍କ ଦ୍ୱାରା ଏହି ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର ରାଣା ପ୍ରତାପ ପୋଦ୍ଦାର ଏବଂ ଡକ୍ଟର ସୟଦ ମୋୟାଜ୍ଜମ ଅଲିଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଣିଜ୍ୟିକ ଏବଂ ଆବାସିକ କୋଡ୍ ପାଇଁ ଇସିଏସବିସି କୋଡ୍ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ଶକ୍ତି ସିମୁଲେସନ୍ ସଫ୍ଟୱେର୍ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ତାଲିମ ପଦକ୍ଷେପ ଏସଡିଏର ଚାଲୁଥିବା କ୍ଷମତା-ନିର୍ମାଣ ପ୍ରୟାସର ଏକ ଅଂଶ ।

# ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା

କେନ୍ଦୁଝର,୩୦/୧୧ (ନି.ପ୍ର): ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୧୯ ତମ ବାର୍ଷିକ କ୍ରୀଡ଼ା ଆଡମ୍ବର ସହକାରେ ଉଦଘାଟନ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡା ଅଧିକାରୀ ହଳଧର ମହାନ୍ତ, ମୂଖ୍ୟ ବକ୍ତାଭାବେ ଜି ଏନ ହାଇସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ଦୁର୍ଗାବତୀ ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଦୟାନିଧି ମହାନ୍ତ ଓ ଅବସର ପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟାନନ୍ଦ ସେଠୀ, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ବିଦ୍ୟା ମନ୍ଦିରର କ୍ରୀଡା ଶିକ୍ଷକ ଗଜେନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗ ରେ ଏହି କ୍ରୀଡ଼ା ଅନୁଷ୍ଠିତ ହେଉଛି। ଏହି କ୍ରୀଡ଼ା ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ଛାତ୍ରଛାତ୍ରୀ ମାନେ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଖୋଖୋ, ଗୋଲା ଫିଙ୍ଗା, ବର୍ଛା ଫିଙ୍ଗା, ଥାଳିଆ ଫିଙ୍ଗା, ରିଲେ ରେସ, ଅଙ୍କ କଷା, ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଏହି ଖେଳ କୁ ଯୁଧିଷ୍ଠିର ମହାନ୍ତ ହିରାଲାଲ ମହାନ୍ତ, ସବିତା ମହାନ୍ତ (କ), ସବିତା ମହାନ୍ତ (ଖ), ତ୍ରିବେଣୀ ମହାନ୍ତ, ଦୀପ୍ତିମୟୀ ବାରିକ, ଶୋଭାଶ୍ରୀ ଷଡ଼ଙ୍ଗୀ, ଅର୍ଚ୍ଚନା ସାମନ୍ତରାୟ, ନମିତା ମହାନ୍ତ, ସଂଜୟ କୁମାର ଗିରି , ବେଣୁଧର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ପ୍ରମୋଦ ମହାନ୍ତ, ଅରବିନ୍ଦ ନାୟକ, ହଳଧର ମହାନ୍ତ, ଦମୟନ୍ତୀ ମହାନ୍ତ, ଭାରତୀ ମହାନ୍ତ, ଶମ୍ଭୁନାଥ ସେଠୀ, ବନସ୍ମିତା ମହାନ୍ତ,କ୍ଷମାକର ସେଠୀ, କେଶବ କୁମାର ମହାନ୍ତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର ଅନୁଷ୍ଠିତ

ବଲାଙ୍ଗିର,୩୦/୧୧ (ନି.ପ୍ର): ଆଜି ବଲାଙ୍ଗୀରସ୍ଥ କଦମପଡାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ଏକ ଆଲୋଚନାଚକ୍ର ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ପ୍ରଗତିବାଦୀ ଦୈନିକ ପତ୍ରିକାର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଆଲୋଚନାର ବିଷୟବସ୍ତୁ ରହିଥିଲା"ଆତ୍ମବୋଧରେ ବିଶ୍ୱବୋଧ" । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ ଦେଇଥିବା ବେଳେ ପରିଷଦର ସଚିବ ରାମଚନ୍ଦ୍ର ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂଯୋଜନା ଗୁରୁମା ଭାରତୀ ସାହୁ କରିଥିଲେ। ପରିଷଦର ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟ ଗିରିଜା ଶଙ୍କର ରଥ ନିଜର ବିଚାର ବ୍ୟକ୍ତ କରି କହିଲେ ଯେ, ଆମେ ଏପରି କର୍ମ କରିଯିବା ଯେ ମୃତ୍ୟୁ ପରେ ବି ସ୍ମରଣୀୟ ରହିବା । ପରେ ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ଦେଇ କହିଲେ ଯେ, ଆତ୍ମ ସମୀକ୍ଷା କର, ନିଜ ଧର୍ମ ନିଜେ ପାଳନ କର । ଶେଷରେ ସଭାପତି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବିଦ୍ୟାଳୟର ସଂପାଦକ ତରଣିସେନ ପଟେଲ ।

# ବାଲିଆପାଳରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ , ୩୦/୧୧ (ନି.ପ୍ର): ବାଲିଆପାଳ ବ୍ଲକ ରେ ଆଜି ସାରା ଭାରତ ବର୍ଷ ରେ ୧୮ ଟି ସ୍ଥାନରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦେଶବାସୀଙ୍କ ସହ ସିଧାସଳଖ ନିଜର ମନର କଥା କହିଥିଲେ ପ୍ରଧାନମନ୍ତ୍ରୀ ଏହି ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକ ନୂତନ ବସ୍ ଷ୍ଟାଣ୍ଡ ଠାରେ ମନ କି ବାତ ୧୨୮ତମ ସଂସ୍କରଣକୁ ସମ୍ବୋଧୀତ କରିଥିଲେ ପ୍ରଧାନ ମନ୍ତ୍ରୀ ମନ କି ବାତର ଜିଲ୍ଲା କୋଡିନେଟର କୃଷ୍ଣ ଚନ୍ଦ୍ର ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜିକା ମନସ୍ମିତା ଖୁଣ୍ଟିଆ,ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ସିଧାସଳଖ ଆଭାସୀ ମାଧ୍ୟମରେ ଶୁଣିଥିଲେ, ଶେଷରେ ଜିଲ୍ଲା ର ସମସ୍ତ ମନ କି ବାତ ର ପଞ୍ଚାୟତ କୋଡିନେଟର, ମଣ୍ଡଳ ସଭାପତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଲାଙ୍ଗିରରେ ନୂତନ ଅତିରିକ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ବଲାଙ୍ଗିର,୩୦/୧୧ (ନି.ପ୍ର): ବଲାଙ୍ଗିରରେ ନୂତନ ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବରେ ସୁଶ୍ରୀ ଲକ୍ଷ୍ମୀ ଶାକିଆ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ କୋରାପୁଟ ଜିଲ୍ଲାର ମୂଳ ବାସିନ୍ଦା। ତାଙ୍କର ଶିକ୍ଷା ଦୀକ୍ଷା ସେଠାରେ ହୋଇଥିବା ବେଳେ କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେଲା ପରେ ଓଡିଶା ସୂଚନା ସେବା (ଓଆଇଏସ ୨) ପାଇଲା ପରେ ବଲାଙ୍ଗିରରେ ତାଙ୍କର ପ୍ରଥମ ନିଯୁକ୍ତି। ବଲାଙ୍ଗିର ସୂଚନା ଓ ଲୋକ ସମ୍ପର୍କ ଦାୟିତ୍ୱରେ ଟିଟିଲାଗଡ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପୂର୍ବରୁ ଥିବା ସରୋଜ କୁମାର ସାହୁଙ୍କ ଭୁବନେଶ୍ୱର ବଦଳି ପରେ ଦାୟିତ୍ୱରେ ଥିଲେ। ଜିଲ୍ଲାରେ ତିନୋଟି ଉପଖଣ୍ଡ ମଧ୍ୟରୁ ପାଟଣାଗଡ ଅତିରିକ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡ଼ିଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No. 4347 Dated 26.11.2025
Identification No-S.E.M.I.D. MBJ.No.- 21/MID, MBJ/2025-26
......

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of work | 12 Nos. |
| 3 | Tender amount | 10.11 Lakh to 12.56 Lakh (Detail of work Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 01.12.2025 at 10.00 AM to 11.12.2025 up to 5.00 P.M. |
| 7 | Last date/ Time for receipt of Bids in the Portal | 11.12.2025 up to 5.00 P.M. |
| 8 | Date /Time of Opening of Technical Bid | 12.12.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Superintending Engineer
Minor, Irrigation Division, Mayurbhanj
OIPR: 32041/11/0021/2526

# କୁମ୍ଭକାରଙ୍କ କୁରାଳ ପଂଚମୀ ଉଦ୍‌ଯାପିତ

ପୁରୀ,୩୦/୧୧ (ନି.ପ୍ର): ଶନିବାର ସନ୍ଧ୍ୟାରେ କୁମ୍ଭକାରମାନଙ୍କ ପାଂଚ ଦିନିଆ କୁରାଳ ପଂଚମୀ ପର୍ବ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ସାର୍ବଜନୀନ ପୂଜା ମଣ୍ଡପରେ ପୂଜା ପାଉଥିବା ରୁଦ୍ରପାଳ, ରନଶ୍ୱେରୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଅଠର ନଳା ନିକଟରେ ନଦୀରେ ବିସର୍ଜନ କରାଯାଇଛି । ପରିବାରର ମୁଖ୍ୟମାନେ ସଂକଳ୍ପ ଭାଙ୍ଗିଛନ୍ତି । କୁମ୍ଭକାର ନିଯୋଗ ପକ୍ଷରୁ ଜ୍ୟୋତିଷ ମହାଶୟଙ୍କ ଦ୍ୱାରା ମୃତିକା ଅନୁକୂଳ ଯୋଗ ନିର୍ଘଂଟ ପରେ ସମସ୍ତେ ଏକକାଳୀନ ହାଣ୍ଡି ଗଢିବାର ପରମ୍ପରା ରହିଛି । ପର୍ବ ସମାପ୍ତ ପରେ ଆଜିଠାରୁ ସ୍ୱାଭାବିକ ଭାବେ ଶ୍ରୀମନ୍ଦିରକୁ ହାଣ୍ଡି କୁଡ଼ିଆ ଯୋଗାଣ ଚାଲୁ ରହିବ । ପର୍ବ ପାଳନ ଅବସରରେ ଗତକାଲି ସନ୍ଧ୍ୟାରେ କୁମ୍ଭାରପଡାରେ ମନୋଜ୍ଞ କୁରାଳ ପଂଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । କୁମ୍ଭାରପଡା ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ ସମାରୋହକୁ ଉଦ୍ଘାଟନ କରିଥିଲେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ । ଓଡିଶା କୁରାଳ ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜନତା ପାର୍ଟିର ପୁରୀ ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲ୍ଲା ହସ୍ତଶିଳ୍ପ ବିଭାଗ ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବାଦଲ କୁମାର ବେହେରା, ସମାଜ ସେବୀ ଜଗଦାନନ୍ଦ ମିଶ୍ର, ପୂର୍ବତନ କାଉନସିଲର ସୁଦର୍ଶନ ସାହୁ, ସଂଗଠକ ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ । ପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ସମାରୋହ ସମ୍ପର୍କରେ ଅବତାରଣା କରିଥିଲେ ।

ଏହି ଅବସରରେ ପୁରୀର ମହ୍ଲର ଭଜନ ଗ୍ରୁପ ପକ୍ଷରୁ ଗୁରୁ ସନ୍ଧ୍ୟାରାଣୀ ମିଶ୍ରଙ୍କ ନେତୃତ୍ୱରେ କଳାକାର ମାନେ ଭକ୍ତି ସଂଗୀତ ପରିବେଷଣ କରିଥିବା ବେଳେ ଜଗତସିଂହପୁର ସାଇକୃପା କଳାବିକାଶ କେନ୍ଦ୍ର ତରଫରୁ ଗୁରୁ ଶିବ ପ୍ରସାଦ ରାଉତଙ୍କ ନେତୃତ୍ୱରେ କଳାକାରମାନେ ଭଜନ ନୃତ୍ୟ ପରିବେଷଣ କରିଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ସଂଖ୍ୟକ ଦର୍ଶକ ଏହି ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ସାମ୍ବାଦିକ ଜୁପିଟର ଦାସ, ପରିଷଦର ସହସମ୍ପାଦକ କୈଳାସ ବିଶୋଇ, ରସାନନ୍ଦ ବିଶୋଇ, କୃଷ୍ଣଚନ୍ଦ୍ର ବିଶୋଇ ପ୍ରକାଶ ବିଶୋଇ, ଧୀରେନ୍ଦ୍ର ବିଶୋଇ, ବୃନ୍ଦାବନ ବିଶୋଇ, ଲିଙ୍ଗରାଜ ମୁଦୁଲି, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୋଇଲା ବୋଝେଇ ଜାହାଜରେ ନିଆଁ



ପାରାଦୀପ, ୩୦/୧୧ (ନି.ପ୍ର): ପାରାଦୀପ ବନ୍ଦରରେ ଏକ ବର୍ଥରେ କୋଇଲା ବୋଝେଇ କରୁଥିବା ସମୟରେ ଏକ ଜାହାଜରେ କୌଣସି କାରଣରୁ ନିଆଁ ଲାଗି ଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ବନ୍ଦର ଆଇରନ୍ ଓର୍ ବର୍ଥରେ ଥର୍ମାଲ ବୋଝେଇ କରୁଥିଲା ଇକୋ କୋଲୋନେଲ ମନୋରଭିଆ ଜାହାଜ । ଏହି ଜାହାଜରେ ଥର୍ମାଲ କୋଇଲା ବୋଝେଇ ହେଉଥିବା ସମୟରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । କନଭେୟର ବେଲ୍ଟ ମାଧ୍ୟମରେ ଏହି ଜାହାଜରେ ଏହି କୋଇଲା ବୋଝେଇ କରାଯାଉଥିଲା । ହଠାତ୍ ଜାହାଜରୁ ଧୂଆଁ ବାହାରୁ ଥିବା ଦେଖି ଜାହାଜରେ ତୁରନ୍ତ କୋଇଲା ବୋଝେଇ ବନ୍ଦ କରି ଦିଆ ଯାଇଥିଲା । ତୁରନ୍ତ ଜାହାଜକୁ ସେଠାରୁ ଅନ୍ୟ ଏକ ବର୍ଥ ସିକ୍ୟୁ-୨କୁ ସ୍ଥାନାନ୍ତରିତ କରାଯାଇଥିଲା । ଜାହାଜରୁ କୋଇଲା ଖଲାସ କରାଯାଇ ପାଣି ମରାଯାଇ ନିଆଁକୁ ଆୟ କରାଯାଇଥିଲା । ସାଧାରଣତଃ ଏହି ଥର୍ମାଲ କୋଇଲା ଅଧିକ ଗରମ ଥାଏ ଏବଂ ନିଆଁ ଲାଗି ଯାଇଥାଏ । ଏଣୁ କୋଇଲା ବୋଝେଇ ଓ ଖଲାସ ସମୟରେ ଏହା ଉପରେ ପାଣି ସିଂଚନ କରାଯାଇଥାଏ । ବୋଧହୁଏ ଜାହାଜରେ ଥର୍ମାଲ କୋଇଲା ବେଲ୍ଟ ମାଧ୍ୟମରେ ପରିବହନ କରାଯାଇ ଜାହାଜରେ ବୋଝେଇ ହେଉଥିବା ସମୟରେ ପାଣି ସିଂଚନ ହୋଇ ନଥିବା ଯୋଗୁଁ ନିଆଁ ଲାଗିଥାଇ ପାରେ ବୋଲି ଅନୁମାନ କରାଯାଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶୁଭଙ୍କରଙ୍କ ନାମରେ...

ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେବାୟତମାନେ ତାଙ୍କୁ ଅଟକାଇ କହିଥିଲେ 'ଶ୍ରୀମନ୍ଦିର ଭିତରକୁ ଭଗବାନଙ୍କ ଧର୍ମପତ୍ନୀଙ୍କ ପ୍ରବେଶ ଉପରେ ବାରଣ ରହିଛି । ଆପଣ କିଭଳି ଭିତରକୁ ଆସିଲେ ?' ଏକଥା ଶୁଣି ମା ରାଧାରାଣୀ ରାଗିଯାଇ ଶ୍ରୀମନ୍ଦିରକୁ ଏଭଳି ଅଭିଶାପ ଦେଇଥିଲେ । ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଶୁଭଙ୍କର ମିଶ୍ରାଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ବିଭ୍ରାନ୍ତିକର ପୋଡକାଷ୍ଟକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶୁଭଙ୍କରଙ୍କ ନାମରେ ଶ୍ରୀମନ୍ଦିର ପ୍ରଶାସନ ଏତଲା ଦେଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଥିଲା । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କେ ?ଣସି ତତ୍ପରତା ପ୍ରକାଶ କରି ନଥିଲା ।

### ମୁଖ୍ୟସ୍ରୋତ ଅଭିମୁଖେ...

ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି । ଏହି ବଡ଼ଧରଣର ଆତ୍ମସମର୍ପଣ ପଛରେ ଡିଆରଜି, ବସ୍ତର ଫାଇଟର୍ସ, ସିଆରପିଏଫ୍ ବାହିନୀ ଏବଂ ଜଗଦଲପୁରସ୍ଥିତ ଆରଏଫ୍‌ଟିର ରଣନୀତି ରହିଛି । ଏମାନେ ମାସମାସ ଧରି ତୃଣମୂଳସ୍ତରରେ ଗୁଇନ୍ଦା ଏବଂ କ୍ରମାଗତ ଭାବେ ମାଓବାଦୀଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ଫଳରେ ମାଓବାଦୀମାନେ ଉପାୟ ଶୂନ୍ୟ ହୋଇ ଶେଷରେ ଅସ୍ତ୍ର ପରିତ୍ୟାଗ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ୫୦ ହଜାର ଟଙ୍କା ତତ୍କାଳ ସହାୟତା ରାଶି ଦିଆଯିବ । ଏଥି ସହିତ ଦକ୍ଷତା ବିକାଶ ତାଲିମ, ଚାଷ ଜମି ଓ ସାମାଜିକ ଥଇଥାନ ଭଳି ସୁବିଧା ଉପଲବ୍ଧ କରାଯିବ । ମାଓବାଦୀଙ୍କୁ ଏହା କେବଳ ଅସ୍ତ୍ର ପରିତ୍ୟାଗ କରିବାର ପ୍ରେରଣା ଦେଇ ନାହିଁ, ବରଂ ଜୀବନର ନୂଆ ରାସ୍ତା ମଧ୍ୟ ମିଳିଛି । ୮-୮ ଲକ୍ଷ ପୁରସ୍କାର ଘୋଷିତ କୁମଲୀ ଓରଫ ଅନିତା ମଣ୍ଡାବୀ, ଗୀତା ଓରଫ ଲକ୍ଷ୍ମୀ, ରଂଜନ ମଣ୍ଡାବୀ ଓରଫ ଜାହାଜ ଭଳି ଅନେକ ମାଓବାଦୀମାନେ ଅତୀତରେ ବଡ଼ବଡ଼ ଏନ୍‌କାଉଣ୍ଟର ଅଂଶ ବିଶେଷ ହୋଇଥିଲେ । ୨ ନମ୍ବର କଂପାନିର ସଦସ୍ୟ ଭୀମା ଓରଫ ଜାହାଜ ୨୦୨୦ ଆକ୍ରମଣରେ ସାମିଲ ଥିଲା, ଯେଉଁଥିରେ ୨୬ ଜଣ ଯବାନ ସହିଦ ହୋଇଥିଲେ । ଘଟଣା ଦିନ ଯବାନମାନଙ୍କ ଠାରୁ ଅସ୍ତ୍ର ଲୁଟ୍ ହୋଇଥିଲା । ତାଲିକାରେ ୫ ଲକ୍ଷ, ୨ ଲକ୍ଷ ଏବଂ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଲମ୍ବା ଧାଡ଼ି ରହିଛି, ଯାହାଙ୍କର କାନ୍ଧରେ ଏରିଆ କମିଟି, ମିଲିସିଆ, ଜନତାନା ସରକାର ଠାରୁ ଆରମ୍ଭ କରି ପୋଷ୍ଟର, ବ୍ୟାନର, ରାସ୍ତା କାଟିବା ଏବଂ ବିସ୍ଫୋରକ ସାମଗ୍ରୀ ଖଞ୍ଜିବାର ଦାୟିତ୍ୱ ଥିଲା ।

### ଆଜିଠୁ ସଂସଦର ...

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଗୌରବ ଗୋଗୋଇ ଏବଂ ଅନ୍ୟାନ୍ୟ ନେତାମାନେ ବୈଠକରେ ଯୋଗ ଦେଇଥିଲେ । ଏହା ସହିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ ଏବଂ କୋଡିକୁନିଲ ସୁରେଶ, ତୃଣମୂଳ କଂଗ୍ରେସ ନେତା ଡେରେକ ଓ'ବ୍ରାଏନ୍, ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ, ଡିଏମକେର ତିରୁଚିତ ଶିବ ଏବଂ ଅନ୍ୟାନ୍ୟ ଅନେକ ଦଳ ଅଂଶଗ୍ରହଣ କରିଥିଲେ । ଏହି ବୈଠକ ସମୟରେ ଶୀତକାଳୀନ ଅଧିବେଶନ ସମ୍ପର୍କରେ ଆଲୋଚନା ହୋଇଥିଲା ।

### ବ୍ୟବସାୟ ସହିତ ରକ୍ତ...

ପାକିସ୍ତାନର ସେନା ଏହି ଆକ୍ରମଣକୁ ଅସ୍ୱୀକାର କରିଥିଲା, ଯେତେବେଳେ କାବୁଲ କହିଛି ଯେ, ଆମେ ଏହାର କଡ଼ା ଜବାବ ଦେବୁ । ପାକିସ୍ତାନର ବେସାମରିକ ଏବଂ ସାମରିକ ନେତୃତ୍ୱ କାବୁଲକୁ ପାକିସ୍ତାନୀ ତାଲିବାନ ଏବଂ ଅନ୍ୟାନ୍ୟ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଛି । ଆଫଗାନିସ୍ତାନ ତାଲିବାନ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି । କାବୁଲ ପାକିସ୍ତାନର ସୁରକ୍ଷା ଚ୍ୟାଲେଞ୍ଜକୁ ଦେଶର ଆଭ୍ୟନ୍ତରୀଣ ସମସ୍ୟା ବୋଲି କହିଛି । ଚୌଧରୀ କହିଛନ୍ତି ଯେ, ନଭେମ୍ବର ୪ ସୁଦ୍ଧା ପାକିସ୍ତାନୀ ସୁରକ୍ଷା ବାହିନୀ ୪,୯୧୦ ଟି ଗୁପ୍ତଚର ଆଧାରିତ ଅପରେସନ୍ କରି ୨୦୬ ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି । ସେ କହିଛନ୍ତି ଯେ, ଚଳିତ ବର୍ଷ ମୋଟ ୧,୮୭୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଯେଉଁଥିରେ ୧୩୬ ଜଣ ଆଫଗାନିସ୍ତାନ ନାଗରିକ ମଧ୍ୟ ଅଛନ୍ତି । ଏହି ସମୟରେ, ପାକିସ୍ତାନୀ ସେନାର ଜଣେ ମୁଖପାତ୍ର ଆଫଗାନିସ୍ତାନ ସୀମା ଦେଇ ଆତଙ୍କବାଦୀଙ୍କ ଚୋରା ଚାଲାଣ ଏବଂ ଅନୁପ୍ରବେଶକୁ ରୋକିବାରେ ବିଫଳ ହେବା ପାଇଁ ପାକିସ୍ତାନୀ ସୁରକ୍ଷା ବାହିନୀକୁ ସମର୍ଥନ କରିଛନ୍ତି । ଚୌଧରୀ କହିଛନ୍ତି, ପାକିସ୍ତାନ-ଆଫଗାନିସ୍ତାନ ସୀମା ଅତ୍ୟନ୍ତ ଦୁର୍ଗମ ଏବଂ କଷ୍ଟକର ଭୂମିରେ ଅବସ୍ଥିତ । ଚୌଧୁରୀ କହିଛନ୍ତି, ଖାଇବର ପଖତୁନଖ୍ୱା ପ୍ରଦେଶର ସୀମା ୧,୨୨୯ କିଲୋମିଟର ଲମ୍ବା, ୨୦ କ୍ରସିଂ ପଏଣ୍ଟ ଏବଂ ସୀମା ପୋଷ୍ଟ ୨୦-୨୫ କିଲୋମିଟର ଦୂରତାରେ ରହିଛି । ସେ କହିଛନ୍ତି, ପର୍ଯ୍ୟବେକ୍ଷଣ ଏବଂ ଗୁଳିଚାଳନା କରା ନଗଲେ ସୀମା ବାଡ଼ ପ୍ରଭାବଶାଳୀ ହୋଇପାରିବ ନାହିଁ । ପ୍ରତି ଦୁଇରୁ ପାଞ୍ଚ କିଲୋମିଟରରେ ପୋଷ୍ଟ ନିର୍ମାଣ କରିବା ଏବଂ ଡ୍ରୋନ୍ ନିରୀକ୍ଷଣ ସହିତ ସେଗୁଡ଼ିକୁ ନିରୀକ୍ଷଣ କରିବା ପାଇଁ ଯଥେଷ୍ଟ ସମ୍ବଳର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

### ବାରବାଟୀ...

୧ ଓ ୩ ଗ୍ୟାଲେରୀ ର ଦାମ୍ ୧୧ଶହ ଟଙ୍କା, ୨ ଓ ୪ ଗ୍ୟାଲେରୀର ଦାମ୍ ୯ ଶହ ଟଙ୍କା ରହିଛି । ସେହିପରି ୫ ନଂ ଗ୍ୟାଲେରୀ ୧୨ ଶହ ଟଙ୍କା ଓ ୭ ନଂ ଗ୍ୟାଲେରୀ ଟିକେଟ୍ ୭ ଶହ ଟଙ୍କା , ସ୍ପେଶାଲ୍ ଏନ୍‌କ୍ଲୋଜର ୬ ହଜାର ଟଙ୍କା, ଏସି ବକ୍ସ ୮ ହଜାର ଟଙ୍କା , ନ୍ୟୁ ପ୍ୟାଭିଲିଅନ୍ ୧୦ ହଜର ଓ କର୍ପୋରେଟ୍ ବକ୍ସ ୨୦ ହଜାର ଟଙ୍କା ରହିଛି । ସୂଚନାଯୋଗ୍ୟ ଯେ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ - ସାଉଥ ଆଫ୍ରିକା ମଧ୍ୟରେ ଟି -୨୦ ମ୍ୟାଚ୍ ଖେଳାଯିବ ।

# ସାରସ୍ୱତ ସାଧନା ସମନ୍ୱୟ ସମିତି ଏବଂ ଗୀତା-ବେଦ-ଯୋଗ ଓ ଭାରତୀୟ ସଂସ୍କୃତି (ନିଃଶୁଳ୍କ) ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି , ୩୦/୧୧ (ନି.ପ୍ର): ନୀଳଗିରିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାରସ୍ୱତସାଧନା ସମନ୍ୱୟ ସମିତିର ନବମ ଏବଂ ଗୀତା - ବେଦ -ଯୋଗ ଓ ଭାରତୀୟ ସଂସ୍କୃତି (ନିଃଶୁଳ୍କ) ପାଠଶାଳାର ଦ୍ୱିତୀୟ ବାର୍ଷିକଉତ୍ସବ ସ୍ଥାନୀୟ ରତ୍ନାକର ଟାଉନ ହାଇସ୍କୁଲ ସମ୍ମିଳନୀ କକ୍ଷରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ଘ.ପ୍ରଥମ ପର୍ଯ୍ୟାୟ ବେଦ-ଗୀତା- ଯୋଗ ଓ ସଂସ୍କୃତି କର୍ମଶାଳାକୁ ହରେକୃଷ୍ଣ ଗିରି ଉଦ୍ଘାଟନ କରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଏହି ଶିବିରରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟସମ୍ପାଦକ ପଣ୍ଡିତ ମହେଶ ସାହୁ ଉପସ୍ଥିତ ରହି ଗୀତା ବେଦ ଏବଂ ଯୋଗ ସହିତ ଭାରତୀୟ ସଂସ୍କୃତି କିପରି ବିଶ୍ୱ ଚେତନାର ଜାଗରଣ ସୃଷ୍ଟି କରିଛି ତାହାଉପରେ ବିସ୍ତୃତ ବିବରଣୀ ରଖିଥିଲେ । ବାବା ରୁଦ୍ରବେଶାନନ୍ଦ ଗିରି ମୁଖ୍ୟବକ୍ତା ରୂପେ ଯୋଗଦେଇ ଗୀତା, ବେଦ,ଯୋଗ ସମାଜକୁ ଦିଗଦର୍ଶନ ଦେବା ସହିତ ଭାରତୀୟସଂସ୍କୃତି କିପରି ନିଜର ମୌଳିକତା ରଖି ମାନବକୁ ସତ ଚିନ୍ତନ ଓ ସତକର୍ମରେ ଚାଲିବାକୁ ପ୍ରେରଣା ଦେଇଥାଏ, ଆଲୋକପାତ କରିଥିଲେ । ବରେଣ୍ୟ ଅତିଥିଭାବେ ରାଜ୍ୟ ବେଦ ନିର୍ବାହକ ସତ୍ୟସାଇ ସେବା ସଂଗଠନର ଡ.ବିଭୁପ୍ରସାଦ ପାତ୍ର ଯୋଗଦେଇ ଏଭଳି ଆୟୋଜନକୁ ପ୍ରଶଂସା କରିଥିଲେ । ବରେଣ୍ୟ ବକ୍ତା ଭାବରେ ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ ବହୁ ମୂଲ୍ୟବାନ କଥା ରଖିଥିଲେ । ପ୍ରାରମ୍ଭରେ ଡିଭାଇନ୍ ଚ୍ୟାରିଟେବଲ୍ ଟ୍ରଷ୍ଟର ସଦସ୍ୟ/ସଦସ୍ୟାଙ୍କ ଦ୍ୱାରା ସ୍ୱାଗତସଙ୍ଗୀତ ଓ ମାଙ୍ଗଳିକ ନୃତ୍ୟ ପରିବେଷଣ କରାଯାଇଥିଲା । ଯୁବସମାଜସେବୀ କମଳଲୋଚନ ପଣ୍ଡା ମଞ୍ଚପରିଚାଳନା କରିଥିବା ବେଳେ ସମ୍ମାନିତଅତିଥି ଭାବେ ଶରତ ଚନ୍ଦ୍ର ମହାପାତ୍ର, ଜୟନ୍ତୀ ପ୍ରଧାନ , ଇଂ ଖଗେନ୍ଦ୍ର ବେହେରା, ଚିତ୍ତରଞ୍ଜନ ପତି ପ୍ରମୁଖ ମଞ୍ଚାସିନ ରହି ବହୁ ଉପାଦେୟ ଦିଗଦର୍ଶନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ଗୀତାଆବୃତ୍ତିରେ କ'ବିଭାଗରେ ୭ଜଣ ଖ' ବିଭାଗରେ ୫ଜଣ, ବେଦରେ ଖ ' ବିଭାଗରେ ୩ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନୁରୂପ ଭାବେ ଦ୍ୱିତୀୟ ଅଧିବେଶନ ସାରସ୍ୱତ ସାଧନା ସମନ୍ୱୟ ସମିତି କାର୍ଯ୍ୟକ୍ରମରେ ମାତା ପିତା ସାହିତ୍ୟ ସଂସଦର ସମ୍ପାଦକ ଲୋଚନ ବେହେରା ଉଦ୍ଘାଟକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୋମନାଥ ନାୟକ ସଭାପତି ଆସନ ଅଳଙ୍କୃତ କରିଥିଲେ । ସ୍ୱର୍ଣ୍ଣଶ୍ରୀ ଓ ସାରସ୍ୱତ ସାଧନା ସମନ୍ୱୟ ସମିତିର ପ୍ରତିଷ୍ଠାତା ସୁବାଷିନୀ ଜୀ ବାର୍ଷିକ ବିବରଣୀ ପଠନ କରିଥିଲେ । ମୁଖ୍ୟଅତିଥି ଭାବେ ଚେତନା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର, ଅମୃତବାଣୀ ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼. କୁମାର ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ଭାବରେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର,ଅତିଥି ରୂପେ ମାୟାଧର ମହାନ୍ତି, ଜୟନ୍ତ କୁମାର ଷଡଙ୍ଗୀ, ଗଙ୍ଗାଧର ଦାସ ପ୍ରମୁଖ ବହୁ ସାରସ୍ୱତ ସାଧକ ଓ ବିଦ୍ୱାନ ଯୋଗଦେଇ ଏଭଳି ସହିତ୍ୟାନୁଷ୍ଠାନ ଆଗାମୀ ପୀଢ଼ିକୁ ମାର୍ଗଦର୍ଶନ କରିବବୋଲି ଅଭିବ୍ୟକ୍ତି ରଖିଥିଲେ । ଶେଷରେ ସାରସ୍ୱତ ସାଧକ ତଥା ବରିଷ୍ଠ ପତ୍ରକାର ସମରେନ୍ଦ୍ର ବାରିକ,ଅନୁବାଦକ ଅଭିମନ୍ୟୁ ବେହେରା, ଗାଳ୍ପିକ ସୁଦର୍ଶନ ଅଗସ୍ତି ଏବଂ ସଂସ୍କୃତି ରକ୍ଷକ ରଶ୍ମିରଞ୍ଜନ ଦାସଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଅନ୍ୱେଷଣ ପରିସରରେ ବନଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ

ଉଦଳା, ୩୦/୧୧ (ନି.ପ୍ର): କପ୍ତିପଦା ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ତରଫରୁ ଶିଶୁ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ 'ବନଫୁଲ' ଅନୁଷ୍ଠିତ ହୋଇ ଯାଇଛି । ଅନ୍ୱେଷଣ ଦ୍ୱାରା ପରିଚାଳିତ କପ୍ତିପଦା ଓ ଖୁଂଟା ବ୍ଲକର ଅପହଂଚ ଗ୍ରାମ ମାନଙ୍କରେ ପ୍ରତିଷ୍ଠିତ ୧୪ଗୋଟି ଡ଼େ-କେୟାର ସ୍କୁଲର ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବଣ ମଧ୍ୟରେ ଫୁଟିଥିବା ଶିଶୁ କଳିକାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା, ସାଂସ୍କୃତିକ ଓ ଶୈକ୍ଷିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗଣିତରେ ରାଜୁ ବିନ୍ଧାଣୀ, ମନଭଙ୍ଗା ସ୍କୁଲ, ଚନ୍ଦ୍ରିକା ସୁମ୍ବୁରୁଇ, ବାଲିଦର ସ୍କୁଲ, ରାମ ମାଙ୍କିଡ଼ିଆ, ଡ଼େଙ୍ଗାମ ସ୍କୁଲ, ଚିତ୍ରାଙ୍କନରେ ତେରସା ମାଙ୍କିଡ଼ିଆ, ଡ଼େଙ୍ଗାମ, ରାଜେଶ ନାୟକ, ମନଭଙ୍ଗା, ଚନ୍ଦ୍ରିକା ସୁମ୍ବୁରୁଇ, ବାଲିଦର, ଗଳ୍ପ କଥନରେ କାବେରୀ ତୁଳସୀଗୋଠ, ନନ୍ଦିଘୋଷ ସେନାପତି ନଛିପଚର, ଦିବ୍ୟଶ୍ରୀ ହାତୀ ଉଠାଣିସାହି, ଗୀତ ପ୍ରତିଯୋଗିତାରେ ଚନ୍ଦ୍ରୀକା ସୁମ୍ବୁରୁଇ, ବାଲିଦର, କାବେରୀ ବେହେରା, ତୁଳସୀଗୋଠ, ଭାଗବତ ସୋରେନ, ହୁଡ଼ିସାହି, ନୃତ୍ୟ ପ୍ରତିଯୋଗିତାରେ ଅନନ୍ୟ ସିଂ (ଗ୍ରୁପ), ଦାମାସାହି, ସୀତା ମିରିଡ଼ିଆ, ପୁରାଣଡ଼ିହି, ମରିୟମ ମାଙ୍କିଡ଼ିଆ, ଡ଼େଙ୍ଗାମ, ଝିଲିପି ରେସରେ ସରସ୍ୱତୀ ବେହେରା, ତୁଳସୀଗୋଠ, ଜୁଦାସ୍ ମାଙ୍କିଡ଼ିଆ, ଡ଼େଙ୍ଗାମ, ଅଭିଜିତ ସିଂ, ମନଭଙ୍ଗା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଚଳିତ ବର୍ଷର ଶିକ୍ଷାଦାନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିକ୍ଷକ ଲାନ୍ଦୁ ସିଦ, ତେଣ୍ଡା, କୁଆଁର ସିଂ, ପୁର୍ଣ୍ଣିଚୁଆ, ଛିତା ହୋ, ଡ଼େଙ୍ଗାମ୍‌ଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୱେଷଣର ସଂପାଦକ ଶ୍ରୀନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଆରସିସି ସଂଜୀବ କୁମାର ସାହୁ, ଫ୍ଲାଇଙ୍ଗ ଅଫିସର ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ଗଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କୃତି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ସୁଶ୍ରୀ ଅର୍ପିତା ସାହୁ, ପୁଷ୍ପଲତା ବେହେରାଙ୍କ ଓଡ଼ିଶୀ ନୃତ୍ୟ ପିଲାମାନଙ୍କ ପାଇଁ ଶିକ୍ଷଣୀୟ ଓ ମନମୁଗ୍ଧକର ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ବଂଶୀଧର ବେହେରା, କେଦାରନାଥ ମହାନ୍ତି, ମନୋରଂଜନ ମଲ୍ଲିକ, ସମସ୍ତ ଡ଼େ-କେୟାର ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରଙ୍କୁ ସିଲେଇ ଟ୍ରେନିଂ ସ୍କୁଲର ପ୍ରଶିକ୍ଷିକା ପ୍ରମୁଖ ସହଯୋଗ କରିଥିଲେ ।

# ସାଂସ୍କୃତିକ ଶୋଭାଯାତ୍ରାରୁ ଆରମ୍ଭ ହେଲା ମୟୁରଭଞ୍ଜ ମହୋତ୍ସବ

## ପାରମ୍ପରିକ ନୃତ୍ୟଗୀତରେ କମ୍ପିଲା ବାରିପଦା ସହର




ବାରିପଦା , ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ବିଗତ ୭ବର୍ଷ ଧରି ବାରିପଦା ଛଉ ପଡିଆ ଠାରେ ପାଳିତ ହୋଇ ଆସୁଛି ମୟୂରଭଞ୍ଜ ମହୋତ୍ସବ । ଚଳିତ ବର୍ଷ ୮ମ ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବ ଆଜି ଠାରୁ ଆରମ୍ଭ ହୋଇ ଥିବା ବେଳେ ଆସନ୍ତା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଆଜି ଅପରାହ୍ନରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଛଉ ପଡିଆ ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା । ଏହି ପାରମ୍ପରିକ ସାଂସ୍କୃତିକ ଶୋଭାଯାତ୍ରାକୁ ସରସକଣା ବିଧାୟକ ଭାଦବ ହାଁସଦା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମହୋତ୍ସବ କମିଟିର ଅଧ୍ୟକ୍ଷ ସିନେ ତାରକା ଅସିତ ପତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ମହୋତ୍ସବ ଆୟୋଜକ କମିଟିର ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କମିଟିର ବରିଷ୍ଠ କର୍ମକର୍ତ୍ତା ବିପ୍ଳବ ବୁଗୁଡେଇ, ସଂଜୀବ ଦିୱେଦି, ରାକେଶ ସିଂ, ସୁଜିତ ମହାନ୍ତି, ଅମିତାଭ ସାହୁ, ସତ୍ୟ ସ୍ୱରୂପ ଦାଶ, ରାକେଶ ବେହେରା ତଥା ବିଭିନ୍ନ ଉପଖଣ୍ଡ କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ପତକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ମୟୁରଭଞ୍ଜର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ, ଆଦିବାସୀ ନୃତ୍ୟ, କଳସି ନାଚ, ଦାଣ୍ଡା ନାଚ, ଦାସାଏଁ ନୃତ୍ୟ, ମୁଣ୍ଡାରୀ ନୃତ୍ୟ, କରମା ନୃତ୍ୟ, ଝୁମର ନୃତ୍ୟ, ଆଦି ବହୁ ପ୍ରକାର କଳାର ହଜାରହଜାର କଳାକାର ଯୋଗଦେଇ ନିଜନିଜର କଳା ପ୍ରଦର୍ଶନ କରିଥିବା ବେଳେ, ଅଘୋରୀ ବାବା ନୃତ୍ୟ ସହ ଢେଙ୍କାନାଳ ରୁ ଆସିଥିବା ମୟୁରଭଞ୍ଜ ମହୋତ୍ସବ ଏକ୍ସପ୍ରେସ ଟ୍ରେନ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା । ଏହି ସାଂସ୍କୃତିକ ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ବହୁ ସଂଖ୍ୟାରେ ମୟୁରଭଞ୍ଜିଆ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଡିସେମ୍ବର୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତିସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ବଲିଉଡ ଏବଂ ଓଲିଉଡ଼ କଳାକାର ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା ସହ ବାଲୁକା କଳା ପ୍ରଦାର୍ଶନୀ ଅନୁଷ୍ଠିତ ହେଉଛି । ଏଥି ସହିତ ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପ, କୁଟୀର ଶିଳ୍ପ, ପୋଷାକ, ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ଆସର ଜମିବ । ମହୋତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯାଉଥିବା ବେଳେ, ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରିଲସ ପ୍ରତିଯୋଗିତା, ଫୁଟବଲ, ଲାଖବିନ୍ଧା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ଜଗବନ୍ଧୁ ହାଇସ୍କୁଲର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ

ମୟୂରଭଞ୍ଜ, ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଚଳିତ ଡିସେମ୍ବର ମାସ କରଞ୍ଜିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ୨୦୨୫-୨୬ ରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଗଣିତ ଶିକ୍ଷକ ଦୀପକ ରାମ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ସୀତା ମୁର୍ମୁଙ୍କ ପ୍ରକଳ୍ପ "ଫିମେଲ ସେଭିୟର 'ଉପବିଷୟବସ୍ତୁ' ଏମାରଜିଂ ଟେକନୋଲଜିସ'ରେ ପ୍ରଥମ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏଥିପାଇଁ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ପିଇଟି ପାର୍ଥସାରଥୀ ଜେନା, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସର ମେଟ୍ରୋନ ସୁକାନ୍ତି ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମିନି କମିଟିର ସମସ୍ତ ସଦସ୍ୟ, ସିଆରସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ସୀତା ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ସ୍ତରରେ ସଫଳତା କାମନା କରିଛନ୍ତି ।

# ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ଉପକରଣ ପାଇଁ ଆକଳନ ଶିବିର

ବାରିପଦା, ୩୦/୧୧ (ନି.ପ୍ର): ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ର, ଲାଲବଜାର ଠାରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କ ପାଇଁ ସହାୟକ ଉପକରଣ ଓ କୃତିମ ଅଙ୍ଗ ପ୍ରତ୍ୟଙ୍ଗ ଆକଳନ ଶିବିର ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ତା ୨୯.୧୧.୨୦୨୫ ରିଖ ବାରିପଦା ବ୍ଲକ, ତା ୩୦.୧୧.୨୦୨୫ ରିଖ ଶ ।ମାଖୁଣ୍ଟା ଓ ମୋରଡା ବ୍ଲକର ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନେ ଯୋଗଦାନ କରିଥିଲେ । ବାରିପଦା ବ୍ଲକରୁ ୮୫ ଜଣ, ଶ ।ମାଖୁଣ୍ଟା ବ୍ଲକରୁ ୫୨ ଜଣ ଓ ମୋରଡା ବ୍ଲକରୁ ୩୩ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଯୋଗଦାନ କରିଥିଲେ । ଉକ୍ତ ୩ ଟି ବ୍ଲକରୁ ୧୪୫ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ୨୦୬ ଟି ବିଭିନ୍ନ ପ୍ରକାର ଉପକରଣ ଓ ୯୪ ଜଣ ବିଭିନ୍ନ ପ୍ରକାର କୃତିମ ଅଙ୍ଗ ପ୍ରତ୍ୟଙ୍ଗ ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି । ଏହି ଅକାଳନ ଶିବିରର ମୁଖ୍ୟ ଉଦେଶ୍ୟ ହେଉଛି ଉପକରଣ ଗୁଡିକ ଶିକ୍ଷାର୍ଥୀ ମାନଙ୍କୁ ପ୍ରଦାନ କଲାପରେ ସେମାନେ ସହଜରେ ନିୟମିତ ବିଦ୍ୟାଳୟକୁ ଯାତାୟାତ କରିବା ସହିତ ସେମାନକର ଦୈନଦିନ କାର୍ଯ୍ୟ କରିବାରେ ସହାୟକ ହେବ । ଯାହା ଦ୍ୱାରାକି ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଓ ସାମାଜିକ କ୍ଷେତ୍ରରେ ଏହା ଏକ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିବ । କୃତିମ ଅଙ୍ଗ ପ୍ରତ୍ୟାରୋପଣ ଭୁବନେଶ୍ୱରଙ୍କ ପକ୍ଷରୁ ସୁଶ୍ରୀ ଇଶିତା ବିଶ୍ୱାସ ଓ ଶ୍ରୀ ତପନ କୁମାର ପ୍ରଧାନ (କୃତିମ ଅଙ୍ଗ ପ୍ରତ୍ୟଙ୍ଗ ବିଶେଷଜ୍ଞ୍ୟ), ଶ୍ରୀ ରିଷି ଗୁପ୍ତା ଓ ଶ୍ରୀ ଦୀପକ କୁମାର ଜେନା ଉପସ୍ଥିତ ରହି ପିଲାମାଙ୍କୁ ଆକଳନ କରି ଆବଶ୍ୟକ ଉପକରଣ ଗୁଡିକ ସ୍ଥିର କରିଥିଲେ ।

ସୋମବାର, ଡିସେମ୍ବର ୦୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କୁଳଡିହା ଅଭୟାରଣ୍ୟରେ ଗଳିତ ମାଈହାତୀର ମୃତଦେହ ଠାବ: ସଙ୍କଟରେ ଗଜରାଜ

ନୀଳଗିରି , ୩୦/୧୧ (ନି.ପ୍ର): ବନ୍ୟଜନ୍ତୁଙ୍କ ସଂରକ୍ଷଣ, ନିର୍ଭୟରେ ବିଚରଣ ଏବଂ ପ୍ରଚୁର ପ୍ରାକୃତିକ ଖାଦ୍ୟଭକ୍ଷଣ ପାଇଁ ବାଲେଶ୍ୱର ଜିଲ୍ଲାର ଏକମାତ୍ର ଅଭୟାରଣ୍ୟ କୁଳଡିହାର ଜୀବଜନ୍ତୁ ଏବେ ସଂକଟରେ। ପରିବେଶକୁ ସମତୁଲ ରଖିବାପାଇଁ ଜୀବଜନ୍ତୁଙ୍କ ସଂରକ୍ଷଣ ସହିତ ବିସ୍ତୃତ ଜଙ୍ଗଲବଳୟ ସୃଷ୍ଟିକରି ତତ୍‌ସଂଲଗ୍ନ ଅଧିବାସୀ ମାନଙ୍କ କବଳରୁ ଜୀବଜନ୍ତୁଙ୍କ ସୁରକ୍ଷାପାଇଁ ରାଜ୍ୟ ତଥା କେନ୍ଦ୍ରସରକାରଙ୍କ ମିଳିତ ସହଯୋଗରେ ଏହି ଅଭୟାରଣ୍ୟର ପରିକଳ୍ପନା। ଏହାର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ରବିଭାଗ ରହିଛି। ବିଶେଷକରି ୨୭୨.୭୫ପରିସୀମିତ ଉକ୍ତ ଅଭୟାରଣ୍ୟକୁ ହାତୀ ଅଭୟାରଣ୍ୟ ଭାବେ ବେଶ୍ ପରିଚିତି ପାଇଥିଲା। ମାତ୍ର ଏବେ ଏଠାରେ ରହୁଥିବା ହାତୀବଂଶ ଦୁର୍ଦ୍ଦିନରେ। ବିଗତ ୨ବର୍ଷ ମଧ୍ୟରେ ୧୩ରୁ ଉର୍ଦ୍ଧ୍ୱ ହାତୀଙ୍କର ବିଭିନ୍ନ କାରଣରୁ ମୃତ୍ୟୁ ହୋଇଥିବାବେଳେ ଚଳିତବର୍ଷ ୬ମାସ ମଧ୍ୟରେ ତିନୋଟି ହାତୀ ମରିଥିବା ବିଭାଗପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପୁଟିବନ୍ଧ ନିକଟରେ ଏକ ଦନ୍ତାହାତୀ ମାରି ଦାନ୍ତଲୁଟ୍ ହୋଇଥିବା ଖବରର ଶିରୋନାମା ପାଲଟିଥିବା ବେଳେ କିଛିଦିନ ଅନ୍ତରାଳରେ ଆମ୍ବଝର ନିକଟରେ କରେଣ୍ଟ ଲାଗି ମଧ୍ୟ ହାତୀର ଜୀବନ ଯାଇଥିଲା। ପୁଣି ଆଜି ଏକ ମାଈହାତୀର ଗଳିତ ମୃତଦେହ ବାବନ୍ଧ ଫରେଷ୍ଟବିଟ୍ ଅନ୍ତର୍ଗତ ପାହାଡଉପରେ ଏକ ଝରଣା ନିକଟସ୍ଥ ପଥରଖୋଲ ଚଟାଣରେ ପଡ଼ିଥିବା ଦେଖିବାକୁ ମିଳିଛି। ହାତୀଟି ୫ରୁ ୭ଦିନ ତଳେ ମରିପଡ଼ିଥିବା ଅନୁମାନ କରାଯାଉଛି। ତେବେ ଡିଏଫ୍‌ଓ ପ୍ରଫୁଲ୍ଲ କୁମାର ମଲ୍ଲିକ ହାତୀଟିର ସ୍ୱାଭାବିକ ମୃତ୍ୟୁ ହୋଇଥିବା ସୂଚନା ଦେଇଥିବା ବେଳେ ପରିବେଶ ପ୍ରେମୀ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ସଠିକ୍ ପେଟ୍ରୋଲିଂ ହେଉନଥିବା ଅଭିଯୋଗ ଉଠିଥିଲା ବେଳେ ଶିକାରୀମାନେ ସକ୍ରିୟ ହୋଇଥିବା କୁହାଯାଉଛି।

# ଶିଶୁ ବିହାରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୩୦/୧୧ (ନି.ପ୍ର): ବାସୁଦେବପୁର ଶିଶୁ ବିହାରରେ ୨୩ ତମ ବାର୍ଷିକ କ୍ରୀଡା ଉତ୍ସବ ମହା ସମାରୋହରେ ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସମାଜସେବୀ ବାଣୀବ୍ରତ ଦାସ, ସ୍ୱାସ୍ଥ୍ୟକର୍ମୀ ସୂର୍ଯ୍ୟକାନ୍ତ ନାୟକ, ଶିଶୁ ବିହାରର ସଭାପତି ମାନସ ରଞ୍ଜନ ସାହୁ, ସମ୍ପାଦକ ଭାବଗ୍ରାହୀ ନାୟକ, ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସମାଜ ପାଇଁ କ୍ରୀଡାର ଭୂମିକା ଖୁବ୍ ଗୁରୁତ୍ୱ ପୂର୍ଣ୍ଣ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କ୍ରୀଡା ଉତ୍ସବରେ ଶିଶୁ ବିହାରର ଗୁରୁଜୀ ଗୁରୁମା ଭରତ ନାୟକ, ରାମଚନ୍ଦ୍ର ନାୟକ, ନୀଳ ମାଧବ ଭୋଇ,



ଝରଣା ଦାସ, ଦୀନବନ୍ଧୁ ବାରିକ୍ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଉଚ୍ଚ ଡିଆଁ, ଲମ୍ୱ ଡିଆଁ, ବିଭିନ୍ନ ପ୍ରକାର ଦୌଡ, ମ୍ୟୁଜିକ ଚେୟାର ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଓ ଅଭିଭାବକ ଏହି ଉତ୍ସବରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦିଲ୍ଲୀ ନଗର ନିଗମର ୧୨ ୱାର୍ଡ ପାଇଁ ମତଦାନ ଆରମ୍ଭ

ନୂଆଦିଲ୍ଲୀ,୩୦/୧୧ :ଦିଲ୍ଲୀ ନଗର ନିଗମ (ଏମସିଡି) ର ୧୨ଟି ୱାର୍ଡର ଉପ-ନିର୍ବାଚନ ପାଇଁ ରବିବାର ସକାଳ ୭ଟା ୩୦ରୁ ଭୋଟିଂ ଆରମ୍ଭ ହେଉଛି, ଯାହା ସଂଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ୬.୯୮ ଲକ୍ଷ ମତଦାତା ୫୮୦ଟି ମତଦାନ କେନ୍ଦ୍ରରେ ନିଜ ମତ ଦେଇ ୫୧ଜଣ ପ୍ରାର୍ଥୀଙ୍କର ଭବିଷ୍ୟତ୍ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରୁ ୨୬ଜଣ ମହିଳା ପ୍ରାର୍ଥୀ। ଭୋଟଗଣନା ବୁଧବାର, ୩ ଡିସେମ୍ବରରେ ହେବ। ଭୋଟିଂ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ପ୍ରଯୁକ୍ତି-ଆଧାରିତ, ସୁଲଭ ଓ ବିଘ୍ନହୀନ କରିବା ପାଇଁ ବହୁ ସଂଖ୍ୟକ ଅଧିକାରୀ, କର୍ମଚାରୀ ଓ ସୁରକ୍ଷା ବଳକୁ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ୱାର୍ଡ୍‌ରେ ଗୋଟିଏ ମଡେଲ୍ ମତଦାନ କେନ୍ଦ୍ର ଏବଂ ଗୋଟିଏ "ପିଙ୍କ ବୁଥ" (ମହିଳାମାନେ ପରିଚାଳିତ କରୁଥିବା ବୁଥ) ସ୍ଥାପିତ କରାଯାଇଛି।

# କାଦମୌଦା ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ

ରୂପସା , ୩୦/୧୧ (ନି.ପ୍ର): କାଦମୌଦା ଗ୍ରାମ ନିବାସୀ ମୁନି ନାରାୟଣ ମହାପାତ୍ର-ମୁନିମତୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ଯୋଗମାୟା ମହାପାତ୍ର-କ୍ୱାଇଁ ମୁନି ଅଭିସେକ ଜାଡ଼ିଆଙ୍କୁ ଶୁଭ ଆଶୀର୍ବାଦ ପ୍ରଦାନ ଉପଲକ୍ଷେ, ତାଙ୍କ ବାସଭବନରେ ମୁନସମାଜର ଏକ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ, ମୁନି ସମାଜର ଜ୍ୟୋତି, ଜିଲ୍ଲା ଅଧ୍ୟକ୍ଷ, ପ୍ରାନ୍ତୀୟ ପ୍ରଚାର ସଂଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତମୁନିଜୀ ମହୋଦୟ । ଅତିଥି ହିସାବରେ ଯୋଗଦାନ କରିଥିଲେ,ଓଡିଶା ପ୍ରାନ୍ତୀୟ ସହ ସମ୍ପାଦକ, ଜିଲ୍ଲା ପ୍ରଚାର ସଙ୍ଗଠନ



ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ, ବକ୍ତା ହିସାବରେ ଯୋଗଦାନ କରିଥିଲେ,ହାତିଆଡ଼ିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ପ୍ରଥମେ ସମୂହ ପ୍ରଣବ,ବେଦପାଠ, ଶାନ୍ତି ପାଠ କରାଯାଇ, ସୁଖମୟ ଦାମ୍ପତ୍ୟ ଜୀବନ ସହିତ ଦୀର୍ଘାୟ ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ମୁନି ସମାଜର ଯମ ନିୟମ ପାଳନ କରି, ଜଣେ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ ସେ ନିଶ୍ଚୟ ସ୍ୱରୂପସ୍ଥ, ଆତ୍ମସ୍ଥ ସମାଧିସ୍ଥ ହେବା ସହିତ ତାର ପ୍ରତ୍ୟେକ ସଂକଳ୍ପ ସାକାର ହୋଇ ହୋଇ ଚାଲିଥିବ । ଉପସ୍ଥିତଥିଲେ- ଜେଜେମା, ହାତିଆଡିହା ଶିବମୁନି ଯୋଗାଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର, କକା - ମୁନି ଶଶିକାନ୍ତ ମହାପାତ୍ର, ମୁନି ରମାକାନ୍ତ ମହାପାତ୍ର, ମୁନିମତୀ ହରିପ୍ରିୟା ମହାପାତ୍ର, ସତ୍ୟପ୍ରକାଶ, ପରିବାରର ସଦସ୍ୟ ସଦସ୍ୟା ପ୍ରମୁଖ। ଶେଷରେ ପିତା ମୁନି ନାରାୟଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଇମାମି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ

ବାଲେଶ୍ୱର, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣାର ବାଲ୍‌ଗୋପାଳପୁରରେ ଇମାମି ଜଗନ୍ନାଥ ମନ୍ଦିର ଓ ବିଗ୍ରହଙ୍କର ୧୧ ତମ ପ୍ରତିଷ୍ଠା ଉତ୍ସବ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବ ରେ ଇମାମି ପେପର ମିଲର ବରିଷ୍ଠ ସଭାପତି ଆଶିଷ କୁମାର ଗୁପ୍ତା ଇମାମି ଗ୍ରୁପ୍ ର ଅନ୍ୟତମ ନିର୍ଦ୍ଦେଶକ ଜଗନ୍ନାଥ ମନ୍ଦିର ମୁଖ୍ୟ ସୁଶିଳ ଗୋୟେଙ୍କ ସିଇ ଓ ସୁଶିଲ କୁମାର ଖୈତାନ , ଇମାମି ଲେଡିସ କ୍ଲବ୍ ର ସଭାନେତ୍ରୀ କଳ୍ପନା ଗୁପ୍ତା , ଓମ ପ୍ରକାଶ ଶର୍ମା , ରମେଶ ଚନ୍ଦ୍ର ଖୁଣ୍ଟିଆ , ନିଖିଳ ରଞ୍ଜନ ଦାସ ସାମନ୍ତରାୟ ଯୋଗ ଦେଇଥିଲେ । ସବୁ ବର୍ଷ ପରି ଚଳିତ ବର୍ଷ ମଧ ୧୦୮ କଳସ ଶୋଭାଯାତ୍ରାରେ



ବାହାରି ନଗର ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ସୁନା ବେଶରେ ବଳଭଦ୍ର , ଜଗନ୍ନାଥ ଓ ଦେବୀ ସୁଭଦ୍ରା ଙ୍କୁ ସୁନା ବେଶରେ ଦର୍ଶନ କରିଥିଲେ । ମନ୍ଦିର ରେ ସକାଳ ୮ ରୁ ରାତ୍ରି ପର୍ଯ୍ୟନ୍ତ ଯଜ୍ଞ , ହରିନାମ ସଂକୀର୍ତ୍ତନ ରେ ପ୍ରକମ୍ପିତ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଦର୍ଶନ କରି ପ୍ରସାଦ ସେବନ କରି ଆନନ୍ଦିତ ହୋଇଥିଲେ । ଏହି ଉତ୍ସବ ପରିପେକ୍ଷିରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା । ଅଭିଜ୍ଞ ଡକ୍ଟର ମାନେ ଲୋକ ମାନଙ୍କର ସଠିକ୍ ରୋଗ ନିରୂପଣ ଔଷଧ ମାଗଣାରେ ଯୋଗାଇ ଥିଲେ । ଇମାମି ପେପର କର୍ମଚାରୀ , ଶ୍ରମିକ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ । ଏହି ଇମାମି ଜଗନ୍ନାଥ ମନ୍ଦିର ଇମାମି ପରିବାର ଯୁଗ୍ମ ଅଧକ୍ଷ ରାଧେଶ୍ୟାମ ଅଗ୍ରୱାଲ ଓ ରାଧେଶ୍ୟାମ ଗୋୟେଙ୍କାଙ୍କ ପୃଷ୍ଠ ପୋଷକତାରେ ପଦ୍ମ ବିଭୂଷଣ ଭାସ୍କର୍ଯ୍ୟ ଶିଳ୍ପୀ ତଥା ପୂର୍ବତନ ସାଂସଦ ରଘୁନାଥ ମହାପାତ୍ର ଦ୍ୱାରା ୨୦୧୦ ରେ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇଥିଲା ୨୦୧୫ ମସିହା ନଭେମ୍ବର ୨୯ ତାରିଖ ପ୍ରତିଷ୍ଠା ହୋଇଥିଲା । ମନ୍ଦିର ଉଚ୍ଚତା ୭୨ ଫୁଟ ଏହାପାଇଁ ୨୨ କୋଟି ବ୍ୟୟ ହୋଇଥିଲା । ସେଥିପାଇଁ ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରତ୍ୟେକ ବର୍ଷ ନଭେମ୍ବର ୨୯ ତାରିଖରେ ପାଳିତ ହୋଇ ଆସୁଛି । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଇମାମି ର କର୍ମଚାରୀ , ସ୍ଥାନୀୟ ବାସିନ୍ଦା, ଶ୍ରଦ୍ଧାଳୁ ଭକ୍ତ ପରିଚାଳନାରେ ସହଯୋଗ କରିଥିଲେ।

# ବଙ୍ଗ ଦଲାଲଙ୍କ କବଜାରେ ଖଇରା ବ୍ଲକ ଚାଷୀ

ଖଇରା, ୩୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ଚାଷୀ ଏବେ ପଶ୍ଚିମବଙ୍ଗ ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଦଲାଲ ମାନେ ମ୍ୟାସିନରେ କାଟି ଘରେ ପହଞ୍ଚାଇବା ପୂର୍ବରୁ ହିଡ ମୁଣ୍ଡରୁ ଶାଗମାଛ ଦରରେ କିଣି ନିଜ ରାଜ୍ୟକୁ ବୋହି ନେଉଛନ୍ତି। ରାଜ୍ୟ ସୀମା ସିଲ ନହେବା କିମ୍ୱା ଅନ୍ୟ କୌଣସୀ କଟକଣା ନରହିବା ଶୋଷଣ ପାଇଁ ଦଲାଲଙ୍କୁ ପ୍ରୋତ୍ସାହିତ କରୁଛି । ସରକାର ତୁରନ୍ତ ସରକାର କୌଣସୀ ବିକଳ୍ପ ବ୍ୟବସ୍ଥା କରିବାକୁ ଖଇରା ବ୍ଲକର ବିଭିନ୍ନ କୃଷକ ସଙ୍ଗଠନ ତରଫରୁ ଦାବି କରାଯାଇଛି । ଚଳିତ ବର୍ଷ ଖଇରା ବ୍ଲକରେ ପାଖାପାଖି ୧୯ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ଅଣଜଳସେଚିତ ୧୨ହଜାର ହେକ୍ଟର ଜମି ମଧ୍ୟରୁ ଅଧିକାଂଶ ଜମିରେ ଚାଷୀ ଧାନକାଟିବା ଆରମ୍ଭ କଲେଣି । ସେପଟେ ଡିସେମ୍ବର ୨୯ତାରିଖରୁ ଧାନକିଣା ପାଇଁ ଜିଲା କମିଟି ନିଷ୍ପତ୍ତି ନେଇଥିବାରୁ ଧାନକିଣା ଆରମ୍ଭ ହେବାକୁ ଆହୁରୀ ୧ମାସ ବାକି। ଏଣୁ ଷଣ୍ଢ ଙ୍କ ଦାଉରୁ ପାଚିଲାଧାନ ରକ୍ଷା କରିବା ତଥା ସାର ଦୋକାନୀଙ୍କ ବାକି ଟଙ୍କା ଶୁଝିବା ସହିତ ତାଗିଦା ଯୋଗୁଁ ଏବେ ଧାନକାଟି ଦଲାଲଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି । ୨୦୨୫-୨୬ ମସିହା ଖରିଫ ଋତୁ ଧାନପାଇଁ ସରକାରୀ ଦର କୁଇଣ୍ଟାଲ ପିଛା ୩ହଜାର୧୬୯ଟଙ୍କା ଥିବା ବେଳେ ଏବେ ବଙ୍ଗ ବ୍ୟବସାୟୀ ମାନେ କୁଇଣ୍ଟାଲ ପିଛା ଅତି ବେଶୀରେ୧ହଜାର ୭ଶହ ଟଙ୍କା ଦେଇ ଧାନ କିଣୁଛନ୍ତି । ଯାହାଫଳରେ ଚାଷୀ ମାନେ ସେମାନଙ୍କର ଖର୍ଚ୍ଚ ଉଠାଇବା ସମ୍ଭବ ହୋଇ ପାରୁନାହିଁ । ଗତ ୧୮ତାରିଖ ଦିନ ଓଡିଶା କୃଷକ ସଭା ପକ୍ଷରୁ ଚାଷୀ ମାନଙ୍କର ସମସ୍ୟା ହୃଦୟଙ୍ଗମ କରି ତୁରନ୍ତ ମଣ୍ଡି ଖୋଲିବା ପାଇଁ ଖଇରା ବିଡିଓଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ଗୁରୁତ୍ୱ ଦିଆଯାଇନାହିଁ । ସରକାରଙ୍କ ତରଫରୁ ଧାର୍ଯ୍ୟ ହୋଇଥିବା ଦର ମାତ୍ର କିଛି ହାତଗଣତି ଚାଷୀଙ୍କ ପାଇଁ ବୋଲି କୃଷକ ସଭାର ପ୍ରମୁଖ ସଭ୍ୟ ଜଗତାନନ୍ଦ ମହାପାତ୍ର କହିଛନ୍ତି । ସରକାର ତୁରନ୍ତ କିଛି ବ୍ୟବସ୍ଥା ନକଲେ କୃଷକ ସଙ୍ଗଠନର ସଦସ୍ୟ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀଣୀ ସୁଭାଷିନୀ ସାହୁଙ୍କ ପ୍ରତିକ୍ରିୟା ନେବାରେ ବଙ୍ଗୀୟ ବ୍ୟବସାୟୀଙ୍କ ଉପରେ କଟକଣା ପାଇଁ ଉପରୁ କୌଣସୀ ନିର୍ଦ୍ଦେଶ ଏ ଯାଏଁ ଆସିନାହିଁ ବୋଲି କହିଛନ୍ତି ।

# ତେଲ ବୋର୍ଡ ଜରିଆରେ କରାଯିବ ଲୋକଙ୍କୁ କରାଯିବ ସଚେତନ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ସରକାରଙ୍କୁ ଜଙ୍କ ଫୁଡ ଚିନ୍ତା । ତେଲ ବୋର୍ଡ ଲଗେଇବେ ସରକାର ।କେଉଁ ଖାଦ୍ୟରେ ଅଛି କେତେ ତେଲ, ତାକୁ ଖାଇଲେ କଣ ହେବ, ସେ ନେଇ ତେଲ ବୋର୍ଡ ଜରିଆରେ କରାଯିବ ସଚେତନ । ଏନେଇ ସବୁ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଚିଠି କରିଛି । ସମସ୍ତ ଅଙ୍ଗନବାଡି ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ, ଶକ୍ତି ନିବାସ ସହ ଘରୋଇ ପ୍ରତିଷ୍ଠାନରେ ଲାଗିବ ତେଲ ବୋର୍ଡ। ଯେଉଁଥିରେ ରହିବ କେଉଁ ଖାଦ୍ୟରେ କେତେ ତେଲ ପରିମାଣ ରହିଛି । ଯେମିତି କି ସିଙ୍ଗଡ଼ା ପକୋଡ଼ି ଆଳୁଚପ ଛଣା ସେଉ ମୁଢ଼ୁକିରେ କେତେ ପରିମାଣର ତେଲ ରହିଛି । ଯାହାକୁ ଖାଇଲେ ହୃଦରୋଗ, ମୋଟାପଣ, ଯକୃତ ରୋଗ ସହ ଉଚ୍ଚ ରକ୍ତ ଚାପ ହେବାର ସମ୍ଭାବନା ରହିଛି । ଉଭୟ ଓଡିଆ ଏବଂ ଇଂରାଜୀରେ ଲାଗିବ ତେଲ ବୋର୍ଡ ।

# ଲିଙ୍ଗଭିତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୩୦/୧୧ (ନି.ପ୍ର): ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଓ ଆସିୟାନା ଫେଲୋସିଫର ମିଳିତ ଆନୁକୂଲ୍ୟରେ ପୁରୁଣାବଜାର ସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲ ସଭାଗୃହରେ ଫେଲୋସିପର ସଂପାଦକ ବରିଷ୍ଠ ସମାଜସେବୀ ଏସ.ଏମ. ଫାରୁକଙ୍କ ସଭାପତିତ୍ୱରେ ଲିଙ୍ଗ ଭିତିକ ହିଂସା ବିରୁଦ୍ଧରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସର୍ବଶିକ୍ଷା ଅଭିଯାନର ବାଳିକା ସଂଯୋଜକ ଇପସିତା ଯେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ଏ.ମ ବ୍ରେକ ଥ୍ରୋ ସାମାଜିକ ସଂଗଠନ ଭୁବନେଶ୍ୱର, ନିତ୍ୟାନନ୍ଦ ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷା, ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ




ନାୟିକା, ଶିକ୍ଷକ ସେକ୍ ସରିଫ୍, ସେକ୍ ମହମ୍ମଦ ହାପିଜୁଦ୍ଦିନ୍, ସଖି ୱାନ ଷ୍ଟପ ସେଂଟରର କେସ୍ ୱାର୍କର ପ୍ରିୟଙ୍କା ପ୍ରିୟଦର୍ଶନୀ, ମିର୍ଜାପୁର ଅଙ୍ଗନୱାର୍ଡୀ କର୍ମୀ ରେସମା ଖାତୁନ ପ୍ରମୁଖ ଯୋଗଦେଇ ସକାରାତ୍ମକ ପୁରୁଷତ୍ୱକୁ ପ୍ରୋତ୍ସାହିତ କରିବାସହ ଗୁରୁତ୍ୱରୋପ କରି ନାରୀ ଓ ପୁରୁଷ ସମ୍ମାନତା ଉପରେ ଆଲୋକପାତ କରିଥିଲେ। ସ୍ୱାଗତ ଭାଷଣ ଫେଲୋସିପ୍ ଶକ୍ତିସଦନର ସୁପରିଟେଣ୍ଡେଂଟ ଯୋଗମାୟା ଚାନ୍ଦ ଦେଇଥିବାବେଳେ ଆସିୟାନାର ସଂଯୋଗକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ.ସି. ହାଇସ୍କୁଲର ଛାତ୍ରଛାତ୍ରୀ ଏବଂ ମିର୍ଜାପୁର ୨୩ନମ୍ବର ୱାର୍ଡର କିଶୋରୀ ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଫେଲୋସିପର ମୁସ୍ତରୀ ବେଗମ ଓ ଜ୍ୟୋତି ରଂଜନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍ରୀ ଗ୍ରୀନ ହେଲଥ ସର୍ଭିସେସ ତରଫରୁ ଏୟାରମ୍ୟାନ ସିଲେକ୍ସନ ସେଣ୍ଟର୍

# ବରମୁଣ୍ଡାଠାରେ ଜରୁରୀକାଳୀନ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ଏମ୍ରୀ ଗ୍ରୀନ ହେଲଥ ସର୍ଭିସେସ ଟିମ ଦ୍ୱାରା ଭୁବନେଶ୍ୱରର 'ବାୟୁସେନା ଚୟନ କେନ୍ଦ୍ର'ରେ ଏକ ଜରୁରୀକାଳୀନ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ କ୍ୟାପଟେନ୍ ଶ୍ରୀ ସଞ୍ଜୟ ପଟ୍ଟନାୟକଙ୍କ ସହ ତାଙ୍କର ସମ୍ପୂର୍ଣ୍ଣ ଟିମ୍ ଏବଂ ପରିବାରବର୍ଗ ଉପସ୍ଥିତ ରହିଥିଲେ । ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ୧୦୮ ଆମ୍ବୁଲାନ୍ସ, ଜରୁରୀକାଳୀନ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ପ୍ରତି ଦେଇଆସୁଥିବା ଅବିରତ ସେବା ଓ ଏହାର କାର୍ଯ୍ୟକାରିତା ବିଷୟରେ



ଅଲୋଚନା ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏମ୍ରୀ ଗ୍ରୀନ ହେଲଥ ସର୍ଭିସେସ ର ତାଲିମ ପ୍ରାପ୍ତ ପ୍ରଶିକ୍ଷକ ପ୍ରମିତ ପ୍ରୀତିଦର୍ଶନ ପଣ୍ଡା ପରିଚାଳିତ କରିଥିଲେ। ସେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ହୃଦ୍‌ଘାତ, ମୂର୍ଚ୍ଛା ଯିବା, ନିଶ୍ୱାସ ନେବାରେ ଅସୁବିଧା, ରକ୍ତସ୍ରାବ ନିୟନ୍ତ୍ରଣ, ସ୍ପ୍ଲିଣ୍ଟିଂ, ବ୍ୟାଣ୍ଡେଜ୍, କୀଟପତଙ୍ଗ କାମୁଡ଼ା, ପଶୁ ଆକ୍ରମଣ ଓ ସାପ କାମୁଡ଼ା ପରି ଜରୁରୀକାଳୀନ ପରିସ୍ଥିତିରେ କିପରି ଜରୁରୀକାଳିନ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ, ତାହା ସମ୍ବନ୍ଧିତ ପ୍ରାୟୋଗିକ ପ୍ରଶିକ୍ଷଣ ସହିତ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ହୃଦ୍‌ଘାତ ମାମଲା ପାଇଁ ଜୀବନରକ୍ଷାକାରୀ ପ୍ରଣାଳୀ ବା କାର୍ଡିଓପଲମୋନାରୀ ରିସାସିଟେସନ୍ (ସିପିଆର) ପ୍ରଶିକ୍ଷଣ । ଗ୍ରୁପ୍ କ୍ୟାପଟେନ୍ ସଞ୍ଜୟ ପଟ୍ଟନାୟକ ଏହି ପ୍ରଶିକ୍ଷଣ ପଦକ୍ଷେପକୁ ସ୍ୱାଗତ କରିଥିଲେ ଏବଂ ଓଡ଼ିଶାରେ ଏକାଧିକ ସ୍ଥାନରେ ଏହି ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଓଡ଼ିଶାରେ ଏମ୍ରି ଗ୍ରୀନ ହେଲଥ ସର୍ଭିସେସ ଦ୍ୱାରା ପରିଚାଳିତ ୧୦୮ ଆମ୍ବୁଲାନ୍ସ ସେବା, ଜରୁରୀକାଳୀନ ସମୟରେ ନାଗରିକଙ୍କ ସେବା କ୍ଷମତା ବୃଦ୍ଧି କରିବା ଓ ସଚେତନତା ପ୍ରସାର ପାଇଁ ସଦା ପ୍ରତିବଦ୍ଧ ରହିଛି ଏବଂ ଏହି ଭଳି କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଆୟୋଜନ କରାଯାଇ ଜନସାଧାରଣମାନଙ୍କୁ କିପରି ଜରୁରୀକାଳୀନ ପ୍ରାଥମିକ ଚିକିତ୍ସାର ପ୍ରଶିକ୍ଷଣ ଦିଆଯାଇପାରିବ ସେଥି ପ୍ରତି ଧ୍ୟାନ ଦିଆଯାଉଛି ।

# ନିଜ ଲୋକ ଆମକୁ ହରାଇ ଦେଲେ- ପ୍ରତାପ ଜେନା

ଭୁବନେଶ୍ୱର, ୩୦/୧୧ (ନି.ପ୍ର): ପ୍ରତାପ ଜେନାଙ୍କ ସାଂଘାତିକ ବୟାନ । ବିଜେଡି ସହିତ ବିଶ୍ୱାସ ଘାତକ କରିଛନ୍ତି କିଛି ନିଜ ଲୋକ । କିଛି ଲୋକଙ୍କୁ ମୁଁ ଅନ୍ଧ ଭାବେ ବିଶ୍ୱାସ କରୁଥିଲି ଯେଉଁମାନେ ମୋତେ ବିଶ୍ୱାସ ଘାତକତା କଲେ ବୋଲି କହିଛନ୍ତି ପ୍ରତାପ ଜେନା । ସେହିପରି କିଛି ଲୋକ ଏବେ ବି ଛଦ୍ମ ବେଶରେ ଅଛନ୍ତି ଆମ ଦଳରେ ବୋଲି ସେ କହିଛନ୍ତି ।

# ବଡ଼ସାହିରେ ଓଷ୍ଟା ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ବଡ଼ସାହି , ୩୦/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହିର ବି.ସି ସରକାରୀ ଉଚ୍ଚ ବିଦ୍ୟାଳୟ ମୂଷାଗଡ଼ିଆ ଠାରେ ଆଜି ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପିଲା ଓ ଅଭିଭାବକ ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡସାହି ବ୍ଲକ୍ ଓଷ୍ଟା ସଭାପତି ହରିଷ୍ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ସାହି ଥାନାର ଆଇ.ଆଇ.ସି ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦାନ କରି ପରୀକ୍ଷା ଖାତା ପ୍ୟାକେଟ୍ କୁ ଫିତା କାଟି ଉନ୍ମୋଚନ କରିବା ସହିତ ''ପିଲାମାନଙ୍କୁ କୌଣସି କାମରେ ଆତ୍ମବିଶ୍ୱାସ ନ ହରାଇ ଆତ୍ମବଳକୁ ସୁଦୃଢ କଲେ ଆମେ ସବୁକାମରେ ଜୟଲାଭ କରି ପାରିବା' ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ତଥା ସମାଜସେବୀ ନିହାର ରଞ୍ଜନ ମହାପାତ୍ର ଯୋଗଦାନ କରି ଓଷ୍ଟାର ଏହି ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ପିଲାମାନଙ୍କୁ ନୂତନ ଦିଗଦର୍ଶନ ପ୍ରଦାନ କରିବା ସହିତ ଆଗକୁ ଆଗେଇବାର ପ୍ରେରଣା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଦାସ, ସହକାରୀ ଶିକ୍ଷକ ରମେଶ୍ ଚନ୍ଦ୍ର ହାଁସଦାଃ ଆଦି ଯୋଗଦାନ କରି ପରୀକ୍ଷାରେ କପି କରିବା ଏକ ସାମାଜିକ ବ୍ୟାଧି ଆଜିଠାରୁ ତାକୁ ରୋକିବାକୁ ପିଲାମାନଙ୍କୁ ଶିକ୍ଷା ଦିଆଗଲେ ଭଲହେବ ବୋଲି ମତ ରଖିଥିଲେ। ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ ଯୋଗଦାନ କରିଥିବା ବେଳେ ପରୀକ୍ଷକ ଭାବେ ମନୋରଞ୍ଜନ ମହାପାତ୍ର, ଦିଲ୍ଲୀପ ମହାନ୍ତ, ପ୍ରିୟଙ୍କା ମହାନ୍ତ ଆଦି ଯୋଗଦାନ କରି ଥିଲେ। ଓଷ୍ଟା ବ୍ଲକ ସଂପାଦକ ଡମ୍ବରୁଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାହିତ ହୋଇଥିଲା।

# ଗୋରୁ ବୋଝେଇ କଣ୍ଟେନରକୁ ଧରି ଜିମା ଦେଲେ ଲୋକେ

ବସ୍ତା , ୩୦/୧୧ (ନି.ପ୍ର): ଓଡିଶାରୁ ଏକ କଣ୍ଟେନରରେ ପଶ୍ଚିମବଙ୍ଗକୁ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ କଣ୍ଟେନରକୁ ଗୋରୁ ନେଇ ଯାଉଥିଲା ଲୋକଙ୍କୁ ସନ୍ଦେହ ହୋଇଥିଲା ।ପରେ ଲୋକେ କଣ୍ଟେନରକୁ ଗୋଡାଇ ଗୋଡାଇ ଧରି ପୋଲିସରେ ଜିମା ଦେଲେ ଲୋକେ। କଣ୍ଟେନରରୁ ୩୫ ଟିରୁ ଉର୍ଦ୍ଧ ଗୋରୁ ଉଦ୍ଧାର ହୋଇଥିବା ବେଳେ ଘଟଣା ସ୍ଥଳରୁ ଗାଡି ଛାଡି ଡ୍ରାଇଭର ଚମ୍ପଟ ମାରିଛି, ସୂଚନା ଅନୁଯାୟୀ ରବିବାର ସଂଧ୍ୟାରେ ଭଦ୍ରକ ପଟୁ ଏକ କଣ୍ଟେନରରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ବଜରଙ୍ଗ ଦଳର କର୍ମୀ ଏବଂ ସ୍ଥାନୀୟ ଲୋକେ କୌଣସି ସୂତ୍ରରୁ ଖବର ପାଇ ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଗାଡିକୁ ଅଟକାଇ ପୋଲିସକୁ ଖବର ଦେଇ ଥିଲେ, ଘଟଣା ସ୍ଥଳରେ ପୋଲିସ ପହଞ୍ଚି କଣ୍ଟେନର ଜବଦ କରିବା ସହ ତା ଭିତରୁ ୩୫ ରୁ ଉର୍ଦ୍ଧ ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida